ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक


visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.260 Bhubaneswar Sunday, December 05, 2021 | ୨୪ତମ ବର୍ଷ ସଂଖ୍ୟା-୨୬୦ ଭୁବନେଶ୍ୱର, ରବିବାର, ଡିସେମ୍ବର ୦୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


# ଦୁର୍ବଳ ହେଲା ଜୱାଦ : ସମୁଦ୍ର ମଧ୍ୟରେ ଦୁର୍ବଳ ହୋଇ ଡିପ୍ ଡିପ୍ରେସନ୍ ହେଲା ବାତ୍ୟା ଜୱାଦ

ଭୁବନେଶ୍ୱର, ୪।୧୨(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଜୱାଦ ଦୁର୍ବଳ ହୋଇଯାଇଛି। ଏଥିସହ ଓଡିଶା ପ୍ରତି ଥିବା ବିପଦ ମଧ୍ୟ ଟଳିଛି। ଶନିବାର ସଂଧ୍ୟା ସାଢେ ୫ଟା ସୁଦ୍ଧା ଏହା ଦୁର୍ବଳ ହୋଇ ଏକ ଗଭୀର ଅବପାତ ବା ଡିପ୍ ଡିପ୍ରେସନରେ ପରିଣତ ହୋଇଛି। ଏହା ଘଂଟା ପ୍ରତି ୯ କିଲୋମିଟର ବେଗରେ ଗତି କରୁଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି।ସଂଧ୍ୟା ସାଢେ ୫ଟା ବେଳେ ଏହା ବିଶାଖାପାଟଣାଠାରୁ ୧୮୦ କିଲୋମିଟର ପୂର୍ବ, ଦକ୍ଷିଣ-ପୂର୍ବ ଦିଗରେ ତଥା ଗୋପାଳପୁରଠାରୁ ୨୬୦ କିଲୋମିଟର ପୂର୍ବ, ଦକ୍ଷିଣ-ପୂର୍ବ ଦିଗରେ ଓ ପୁରୀଠାରୁ ୩୩୦ କିମି ଓ ପାରାଦ୍ୱୀପ ଠାରୁ ୪୨୦ କିମି ଦକ୍ଷିଣ, ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଆସନ୍ତା କାଲି ଅର୍ଥାତ ରବିବାର ସକାଳ ସୁଦ୍ଧା ଏହି ଗଭୀର ଅବପାତ ଆହୁରି ଦୁର୍ବଳ ହୋଇ ଏକ ଅବପାତରେ ପରିଣତ ହେବ। ଏହା ଆସନ୍ତା କାଲି ଅର୍ଥାତ ରବିବାର ମଧ୍ୟାହ୍ନ ସୁଦ୍ଧା ପୁରୀ ନିକଟବର୍ତ୍ତୀ ହେବ ଓ ଧୀରେ ଧୀରେ ଉତର ଉତର-ପୂର୍ବ ଦିଗରେ ଗତି କରିବ ଓ ପରବର୍ତ୍ତୀ ୨୪ ଘଂଟାରେ




ଏକ ଲଘୁଚାପରେ ପରିଣତ ହୋଇ ପଶ୍ଚିମବଙ୍ଗ ଉପକୂଳରେ ପହଂଚିବ। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଂଟାରେ ପଶ୍ଚିମବଙ୍ଗରେ ବି ବର୍ଷାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି।ବାତ୍ୟା 'ଜୱାଦ'କୁ ନେଇ ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ ଜେନା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବାତ୍ୟାର ପ୍ରଭାବରେ କମ୍ ପବନ ବହିବ, ମାତ୍ର ପ୍ରବଳ ବର୍ଷା ହେବ। ସେ କହିଛନ୍ତି ଆସନ୍ତାକାଲି ମଧ୍ୟାହ୍ନ ବେଳକୁ ପୁରୀ ଉପକୂଳରେ ପହଂଚିବ। ତୀବ୍ରତା ହ୍ରାସ ପାଉଛି। ପୁରୀରେ ପହଂଚିଲା ବେଳକୁ ଅବପାତରେ ପରିଣତ ହେବ। ଏହି ସମୟରେ ଘଂଟାକୁ ୬୦ରୁ ୭୦ କିମି ପବନ ରହିବ। ସ୍ଥଳଭାଗରେ ପଶି ସମୁଦ୍ରକୁ ଚାଲିଯିବ। ପଶ୍ଚିମବଙ୍ଗ ଦେଇ ବାଂଲାଦେଶ ଆଡ଼କୁ ଯିବ। ରିକର୍ଭ କରି ବେଗ କମିବ।ଗଞ୍ଜାମ, ପୁରୀ, ଜଗତସିଂହପୁରଓ ଖୋର୍ଦ୍ଧାରେ ପ୍ରବଳରୁ ଅତିପ୍ରବଳ ବର୍ଷା। ଭୁବନେଶ୍ୱରରେ ୨୦୦ ମିମି ବର୍ଷା ହୋଇପାରେ। ଭିତିଭୂମି କ୍ଷତି ହେବାର ସମ୍ଭାବନା କମ୍ ରହିଛି। ତେବେ ଫସଲ ନଷ୍ଟ ହେବ , ଧାନ ପବନରେ ଶୋଇଯିବ ଓ ପନିପରିବା କ୍ଷତି ହେବ।ଆସନ୍ତାକାଲି ସଂଧ୍ୟା ସୁଦ୍ଧା ଓଡ଼ିଶା ଉପକୂଳ ଅତିକ୍ରମ କରିସାରିଥିବ। ରାତି ସୁଦ୍ଧା ପ୍ରଭାବ କମିଯିବ। ବର୍ଷା ଦେଖି ତଳିଆ ଅଂଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ଜୁଆରର ଉଚ୍ଚତା ମାତ୍ର ଦେଢ଼ ଫୁଟରୁ ୨ ଫୁଟ ବଢିବ। ପାଣିପାଗ ବିଭାଗ ସୂଚନା ଦେଇଛି। ସ୍ୱାଭାବିକଠାରୁ ଅଧା ମିଟର ଅଧିକ ଉଚ୍ଚର ଜୁଆର ଆସିବ। ୧୫୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୩୦୦ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଛି। ଓଡ୍ରାଫ, ଏନଡିଆରଫ ମୁତୟନ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ କଚ୍ଚା ଘର ଛାଡ଼ିବା ପାଇଁ କୁହାଯାଉଛି। ଗଛ ଭାଙ୍ଗିବା ସମ୍ଭାବନା ଅଛି। ପବନ ସମୟରେ କେହି ଘରୁ ବାହାରନ୍ତୁ ନାହିଁ। ଘର ପାଖ କୋଠା ଘରରେ ରୁହନ୍ତୁ। ବାତ୍ୟା ସରିବା ପରେ ଚାଷ ଜନିତ କ୍ଷତିକୁ ପ୍ରାଥମିକତା ଭିତିରେ ୭ ଦିନ ଭିତରେ ଆକଳନ କରାଯିବ ବୋଲି ଏସଆରସି କହିଛନ୍ତି।

## ସ୍କୁଲ ବନ୍ଦ ସମ୍ପର୍କରେ ନିଷ୍ପତି ହୋଇନାହିଁ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୪।୧୨(ପିଏନ):ଦେଶରେ କରୋନାର ନୂଆ ଭାରିଆଂଟ ଓମିକ୍ରନ ପ୍ରବେଶ କରିବା ପରେ ଏହା ଉପରେ ପ୍ରତିକ୍ରିୟା ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି ଯେ ସଂକ୍ରମଣ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। କୋଭିଡ ଗାଇଡ଼ଲାଇନ କୁ କଡାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨ ମାସ ଭିତରେ ୧୦ ଟି ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିଛି। ବିଭାଗୀୟ ସଚିବ ମଧ୍ୟ ପ୍ରତ୍ୟେକ ମାସରେ ବିଭିନ୍ନ ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ସାମାନ୍ୟ ଲକ୍ଷଣ ଦେଖାଗଲେ ସେମାନଙ୍କୁ ଆଇସୋଲେସନ ରେ ରଖାଯାଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରେ କାର୍ଯ୍ୟ ଜାରି ରହିଛି। ଛାତ୍ରଛାତ୍ରୀ ଙ୍କ ପାଠପଢା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍କୁଲ ବନ୍ଦ କରିବା ପ୍ରସଙ୍ଗରେ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତି ନିଆଯାଇନଥିବା କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ।ସେ ଆହୁରି କହିଛନ୍ତି ଯେ ଯେଉଁ କେତେକ ଆବାସିକ ବିଦ୍ୟାଳୟ ରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ସେଠାରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେଇଛି। ପିଲାଙ୍କ ଶିକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଶା କରୁଛି ସଂକ୍ରମଣ କୁ ନେଇ ସେଭଳି କୌଣସି ପରିସ୍ଥିତି ଉପୁଜିବ ନାହିଁ।

## ଗୋଟିଏ ଦିନରେ ୧୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୪।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୦୦୬୦ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୯ ହଜାର ୨୦୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୮୩ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୯୩ ଜଣଙ୍କ ମଧ୍ୟରୁ ୧୧୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୮୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୨ ଜଣ, ଭଦ୍ରକ ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୫ ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବାତ୍ୟା ପୂର୍ବରୁ ୩୦୦ ଗର୍ଭବତୀଙ୍କୁ ମେଡିକାଲ୍‌ରେ ଭର୍ତ୍ତି

ଭୁବନେଶ୍ୱର,୪।୧୨(ପି.ଏନ) : ବାତ୍ୟା 'ଜୱାଦ' ପୁରୀ ଛୁଇଁବା ପୂର୍ବରୁ ଦୁର୍ବଳ ହୋଇଛି। ତଥାପି ଓଡିଶା ସରକାର ସତର୍କ ରହିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ରାଜ୍ୟ ସରକାର ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡିକରୁ ୩୦୦ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ସୁରକ୍ଷିତ ଭାବେ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ସେପଟେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଶୁକ୍ରବାର ସକାଳ ସାଢ଼େ ୯ଟା ସୁଦ୍ଧା ୧୮୯ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ସୁରକ୍ଷିତ ଭାବେ ନିକଟସ୍ଥ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଭିତରୁ ୧୭ ଜଣ ମେଡିକାଲ୍‌ରେ ସୁରକ୍ଷିତ



ଭାବେ ପ୍ରସବ କରିଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ୱିଟ୍ କରାଯାଇଛି।ବାତ୍ୟା ସମ୍ପର୍କରେ ସୂଚନା ଦେଇ ଝଜଉ ପ୍ରଦୀପ ଜେନା କହିଛନ୍ତି, "ଆସନ୍ତାକାଲି ମଧ୍ୟାହ୍ନ ବେଳକୁ ପୁରୀ ଉପକୂଳରେ ପହଞ୍ଚିବ 'ଜୱାଦ'। ପୁରୀରେ ପହଞ୍ଚିଲା ବେଳକୁ ବାତ୍ୟାର ତୀବ୍ରତା କମିବା ଆକଳନ କରାଯାଉଛି। ପୁରୀ ଛୁଇଁଲା ବେଳକୁ ପବନ ବେଗ ୬୦/୭୦ କିମି ରହିପାରେ। ଆଜି ଗଂଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଅତିପ୍ରବଳ ବର୍ଷା ହୋଇପାରେ। ପବନ ବେଗ କମିବା ଆକଳନ ଥିବାରୁ ଭିତ୍ତିଭୂମି କ୍ଷତି ହେବା ଆଶଙ୍କା କମ୍ ରହିଛି।"ସେ ଆହୁରି କହିଛନ୍ତି, "ପ୍ରବଳ ବର୍ଷା ଯୋଗୁ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ। ଧାନ ଓ ପନିପରିବା ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ। କାଲି ସଂଧ୍ୟା ବେଳକୁ ଓଡ଼ିଶାରୁ ବାତ୍ୟା ପ୍ରଭାବ ହଟିଯିବା ସମ୍ଭାବନା ରହିଛି। ପବନ ବେଗ କମିବାର ଥିବାରୁ ସ୍ଥାନାନ୍ତରଣ କରାଯିବା ଦରକାର ହେବନି। ମାତ୍ର ଦେଢ଼ ଫୁଟ/ ୨ ଫୁଟ ପର୍ଯ୍ୟନ୍ତ ସାମୁଦ୍ରିକ ଜୁଆର ଆସିପାରେ। ଆଜି ଯାହା ଜୁଆର ରହିଛି, କାଲି ଆଉ ଅଧ ମିଟର ଉଚ୍ଚକୁ ବଢ଼ିବ। ମାତ୍ର ଦେଢ଼ ହଜାର ଲୋକଙ୍କୁ ସ୍ଥାନାନ୍ତରଣ କରାଯାଇଛି। ପ୍ରଭାବିତ ଜିଲ୍ଲାରେ ୩୦୦ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ନିଆଯାଇଛି।"

## ଆଇନ୍‌ମନ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଫସି ଯାଇଛନ୍ତି କି ପୁଲିସ ବାବୁ

ଭୁବନେଶ୍ୱର,୪।୧୨(ପି.ଏନ) : ମନ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଫସିଗଲେ କି ପୁଲିସ ବାବୁ ? ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ଏବେ ଅଡୁଆରେ ପଡିଛନ୍ତି ମାହାଙ୍ଗା ଥାନା ଆଇଆଇସି ନିହାର ମହାନ୍ତି। ତାଙ୍କୁ କାରଣ ଦର୍ଶାଇ ନୋଟିସ୍ ? ଜାରି କରିଛନ୍ତି ସାଲେପୁର ଜେଏମ୍ ?ଏଫ୍ ?ସି। ଡିସେମ୍ବର ୧୦ ସୁଦ୍ଧା ନୋଟିସର ଜବାବ ଦେବା ପାଇଁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। କେବଳ ସେତିକି ନୁହେଁ, ୧୦ ତାରିଖ ସୁଦ୍ଧା ପୁନଃ ତଦନ୍ତ ରିପୋର୍ଟ ଓ ସିଡିଆର ଦାଖଲ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।ମାହାଙ୍ଗା ପୁଲିସ୍ ? ମାଗିଥିବା ମାସେ ଟାଇମ୍ ପିଟିସନକୁ ଖାରଜ କରିଦେଇଛନ୍ତି ଜେଏମ୍ଏଫ୍ସି କୋର୍ଟ। ଆଉ ପଚ଼ାରିଛନ୍ତି, ତମ ବିରୋଧରେ କାହିଁକି ଶୃଙ୍ଖଳଗତ କାର୍ଯ୍ୟାନୁଷ୍ଠାନ ହେବନାହିଁ ? ଏହାର ଜବାବ ନୋଟିସରେ ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଚ଼ଳିତ ବର୍ଷ ଜାନୁଆରୀ ୨



ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୪) ଓ ସଂପର୍କୀୟ ଦିବ୍ୟ ସିଂହ ବରାଳ(୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଥାନାରେ ଦିଆଇଥିବା ଏଫଆଇଆର୍‌ରେ ୧୩ ନମ୍ବରେ ଥିଲା ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ। ହେଲେ ପରବର୍ତ୍ତି ସମୟରେ ତାଙ୍କ ନାଁକୁ ଏଫ୍ଆଇଆର୍‌ରୁ କାଟି ଦିଆଯାଇଥିଲା। ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ।ଡବଲ ମର୍ଡର ମାମଲାରେ ପ୍ରୋଟେଷ୍ଟ ପିଟିସନର ଶୁଣାଣି କରି ମାମଲାର ପୁନଃ ତଦନ୍ତ କରି ସାନି ଚ଼ାର୍ଜସିଟ୍ କରିବାକୁ ମାହାଙ୍ଗା ଥାନା ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ସାଲେପୁର ଜେଏମଏଫସି। ଅଗଷ୍ଟ ମାସରୁ ଏହି ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ୩ ମାସ ହେଲା କେବଳ ସମୟ ଗଡାଇ ଚ଼ାଲିଥିଲା ପୁଲିସ୍। ନା ଘଟଣାର ପୁନଃ ତଦନ୍ତ କରୁଥିଲା ନା ଚ଼ାର୍ଜସିଟ୍ ଦାଖଲ କରୁଥିଲା ପୁଲିସ୍। ଯେଉଁଥିପାଇଁ କୋର୍ଟ ମାହାଙ୍ଗା ଥାନା ଅଧିକାରୀଙ୍କୁ ଉତ୍ସନା କରିଥିଲେ। ଏପରିକି ନଭେମ୍ବର ୨୫ ତାରିଖ ସୁଦ୍ଧା ଚ଼ାର୍ଜସିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏଫ୍ଆଇଆର୍‌ରେ ୧୩ ନମ୍ବର ମୁଦାଲା ଭାବେ ସ୍ଥାନ ପାଇଥିବା ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ।ଏହି ଅଭିଯୋଗରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ତଥା ପିଏ ବାପି ବିଶ୍ୱାଳ, ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳ ଓ ବ୍ଲକ ଅଧ୍ୟକ୍ଷ ଶରତ ନାୟକଙ୍କ ସିଡିଆର ରିପୋର୍ଟ ନଭେମ୍ବର ୨୯ ତାରିଖରେ ସୁଦ୍ଧା କୋର୍ଟରେ ଦାଖଲ ପାଇଁ ମାହାଙ୍ଗା ଥାନା ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ ସାଲେପୁର ଜେଏମ୍ଏଫ୍ସି। ମାତ୍ର ପୁଲିସ୍ ? ଦାଖଲ କରିନଥିଲା। ସେପଟେ ଜେଏମ୍ଏଫ୍ସି କୋର୍ଟ ବିଚ଼ାରପତି ନଭେମ୍ବର ୨୯ ତାରିଖରେ ଛୁଟିରେ ଥିବାରୁ ୨ ତାରିଖରେ ସିଡିଆର୍ ? ରିପୋର୍ଟ ଓ ପୁନଃ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୨ ତାରିଖରେ ପୁଲିସ୍ ରିପୋର୍ଟ ଦାଖଲ କରିନଥିଲା। ଏହାକୁ ବିଚ଼ାର କରି କୋର୍ଟ କ୍ଷୁବ୍ଧ ହେବା ସହ ଆଇଆଇସିଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଇଆଇସି ମହାଶୟ ୩ ତାରିଖରେ ବ୍ୟକ୍ତିଗତ ହାଜର ହେବା ପରିବର୍ତ୍ତ ସରକାରୀ ଓକିଲ ମାଧ୍ୟମରେ ୪ ସପ୍ତାହ ସମୟ ମାଗିଥିଲେ। ଯାହାକୁ ନେଇ କୋର୍ଟ ଅବମାନନା ହୋଇଥିବା ନେଇ ଏବେ ଥାନା ଅଧିକାରୀଙ୍କୁ ନୋଟିସ୍ କରିଛନ୍ତି ସାଲେପୁର ଜେଏମଏଫସି। ଏହା ସହ ଡିସେମ୍ବର ୧୦ ତାରିଖ ସା ୧୦ ସୁଦ୍ଧା ପୁନଃ ତଦନ୍ତ ରିପୋର୍ଟ ଓ ତିନି ଜଣଙ୍କ ସିଡିଆର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସିଡିଆର୍ ? ରିପୋର୍ଟ ନାହିଁ, ତାହା ହେଲେ ସେ ସମ୍ପର୍କରେ କୋର୍ଟଙ୍କୁ ଜଣାଇବେ।


## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantarayn.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**






## ଟି ଟାଇମ୍



### ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# କୃତ୍ରିମ ଜଳପ୍ରପାତ




ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ଲାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା


ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଟିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଟିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଟିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍ଣୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୦୫

# —ତାଲା-ଚାବି—

***ବିଶ୍ୱସନୀୟତାର ଅନ୍ତରାଳେ ମାନସିକ ଭେଦଭାବରେ ସନ୍ଦେହ, ନୈରାଶ୍ୟ ଜାଗ୍ରତ କରି ଆନ୍ତରିକତାକୁ କ୍ଷୀଣ କରୁଥିବା ଏକ ମାଧ୍ୟମ ଯାହା ପ୍ରେମ ପରିବର୍ତ୍ତେ ହିଂସାତ୍ମକ ମନୋଭାବ ସୃଷ୍ଟି କରିବାରେ ଉପଯୋଗୀ ହୋଇଥାଏ !***



ନିଜ ଅଧିନସ୍ଥ କୌଣସି ମୂଲ୍ୟବାନ ବସ୍ତୁ, ପଦାର୍ଥକୁ ତାଲା ପକାଇ ଚାବିକାଠିକୁ ଅତ୍ୟନ୍ତ ସନ୍ତର୍ପଣରେ ରଖିଥିବା ଅଭ୍ୟାସ ପ୍ରତ୍ୟେକ ମନୁଷ୍ୟର ଏକ ସହଜାତ ପ୍ରକୃତି ଭାବେ ଦେଖିବାକୁ ମିଳେ । ଅଧିକନ୍ତୁ ସାମାଜିକ, ପାରିପାର୍ଶ୍ୱିକ ଶିକ୍ଷିକତା ମଧ୍ୟ କିଛି ଜନ୍ମ ପ୍ରଭାବ ପକାଇ ନ ଥାଏ ଏହି କାର୍ଯ୍ୟ କରିବା ପାଇଁ । ହେଲେ ବାହ୍ୟ ପ୍ରଭାବଜନିତ ସୁରକ୍ଷାର ଅନିଶ୍ଚିତତା କାରଣରୁ ମଣିଷ ସବୁବେଳେ ସନ୍ଦେହଘେରରେ ରହୁଥିବା ବେଳେ ଗୋଟିଏ ପରିବାର କିମ୍ବା ସମିତି ପରିଚିତ, ସମ୍ପର୍କିତ ଲୋକଙ୍କ କାର୍ଯ୍ୟସ୍ଥଳ ମଧ୍ୟରେ ଏହି ତାଲା-ଚାବିର ବ୍ୟବହାର କେଉଁ ଆବଶ୍ୟକତା ରଖିଥାଏ ଏବଂ ତଜ୍ଜନିତ ମନୋଭାବ, ବ୍ୟାବହାରିକ ପ୍ରଭାବ ଏବଂ ଆନ୍ତରିକତାର ଅନ୍ତର କେତେ ରହିଥାଏ ବୁଝିବା, ଭାବନା ବହିର୍ଭୂତ ମଣିଷଙ୍କ ସ୍ଥିତି କ'ଣ ବିଚାର କରି ଦେଖିବା... ।

ସାଧାରଣତଃ ମଣିଷ ସବୁବେଳେ ଘର, ବଗ, ବାସଗୃହ ଭଳି ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟତା ଦେଇ ଆସୁଥିବା ଆମେ ସମସ୍ତେ ଭୁକ୍ତଭୋଗୀ । ହେଲେ ଏଠାରେ ଆମର ସୁରକ୍ଷାଜନିତ ତାଲା-ଚାବିର ବ୍ୟବହାର ଉପରେ ଆଲୋକପାତ କରି ତର୍ଜମା କଲେ ଅନୁଭବ ହୁଏକି...

ବାହ୍ୟ ବିପଦ ଦୃଷ୍ଟିରୁ ସୁରକ୍ଷା ପାଇଁ ଆମେ ତାଲା-ଚାବି ବ୍ୟବହାର କରୁଥିବା ବେଳେ ଘର ଭିତରେ ମଧ୍ୟ ତାହାର ବ୍ୟବହାର କରିଥାଉ ଯେଉଁଠି ଆମ ଆତ୍ମୀୟସ୍ୱଜନ ପରିବାରବର୍ଗଙ୍କ ବାସସ୍ଥଳୀ । ଅନୁରୂପ କୌଣସି କାର୍ଯ୍ୟସ୍ଥଳରେ ପରିଚିତ, ସମ୍ପର୍କିତ ଲୋକଙ୍କ ଗହଣ ରହିଥାଇ ସମସ୍ତେ ସମସ୍ତଙ୍କ ପ୍ରତି ସନ୍ଦେହ ଭାବ ରଖୁଥିବା ହେତୁ ଏହି ସୁରକ୍ଷା କବଚର ବ୍ୟବହାର କରାଯାଇଥାଏ । ଅର୍ଥାତ ଏହା ନିଶ୍ଚିତ ସାବ୍ୟସ୍ତ କରୁଛି କି ଆମେ ଯେଉଁ ପରିବାର, ପରିବେଶ ମଧ୍ୟରେ ରହୁଛେ, ସେଇଠି କାହାର କାହା ପ୍ରତି ବିଶ୍ୱାସ ଭାବ ରହୁନାହିଁ । ସମସ୍ତେ ସମସ୍ତଙ୍କ ପ୍ରତି କୌଣସି ପରିସ୍ଥିତିରେ ସନ୍ଦେହରେ ରହୁଥିବା ହେତୁ ସୁରକ୍ଷା ଆବଶ୍ୟକ ହେଉଥିବା କାରଣରୁ ଆମେ ଏହି ଆଭ୍ୟନ୍ତରୀଣ ତାଲା ବ୍ୟବହାର କରିବା ଶିଖିଛୁ ! କପଟାଚାରୀ, ଈର୍ଷାପରାୟଣ, ବାହ୍ୟ ପ୍ରଦର୍ଶନରେ ସମସ୍ତେ ସମସ୍ତଙ୍କ ପ୍ରତି ଏତେ ଆନ୍ତରିକ ଭାବ ପ୍ରଦର୍ଶନ କରିଥାନ୍ତି, ସତେ ଯେମିତି ସେମାନେ ଗୋଟିଏ ଆତ୍ମାର ଭିନ୍ନ ଭିନ୍ନ ଅଂଶବିଶେଷ ଶରୀର ମଧ୍ୟରେ ଜୀବିତ । କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ କାହାର କାହାପ୍ରତି ତିଳେହେଲେ ବିଶ୍ୱସନୀୟତା ରହି ନ ଥିବା ସମସ୍ତ ପ୍ରମାଣ ଦେଇଥାଏ ଏହି ସୁରକ୍ଷା କବଚର ବ୍ୟବହାର । ଏହିଭଳି ପରିସ୍ଥିତିରେ ରହୁଥିବା ପରିବାର ପ୍ରାୟତଃ ୯୯% ଉର୍ଦ୍ଧ୍ୱରେ ଥିବାବେଳେ କୌଣସି କର୍ମକ୍ଷେତ୍ରରେ କାର୍ଯ୍ୟରତ ସମକକ୍ଷ କର୍ମଚାରୀଙ୍କ ସଂଖ୍ୟା ୧୦୦ ହେବ ନିଶ୍ଚୟ ! ହେଲେ ଏହି ସୁରକ୍ଷା କବଚର ବ୍ୟବହାର କେବଳ ଅବିଶ୍ୱାସ କାରଣରୁ କରାଯାଉଥିବା ବେଳେ ତାହାର ଅନ୍ୟାନ୍ୟ ପ୍ରଭାବଗୁଡ଼ିକ କ'ଣ ହୋଇଥାଏ ବିଚାର କରିବା...

ପରିବାରସ୍ୱଜନ ମଧ୍ୟରେ ଅବିଶ୍ୱାସଜନିତ ଆନ୍ତରିକତା କ୍ଷୀଣ ହେଉଥିବା ଏକ ସୁନିଶ୍ଚିତ ବ୍ୟବସ୍ଥା, ଯାହା ଉପରେ କେତେ ପ୍ରେମର ବାର୍ତ୍ତା ପ୍ରକଟ କଲେ ମଧ୍ୟ ଆନ୍ତରିକ ପ୍ରେମ ଜାଗ୍ରତ ହେବା ଅନିଶ୍ଚିତ । ପ୍ରେମ ବିଶ୍ୱାସର ଏକ ପ୍ରତିରୂପ । ଅବିଶ୍ୱାସ ଘେରରେ ପ୍ରେମ ଏକ ପ୍ରେତାତ୍ମାର କାରୁଣ୍ୟତା ସଦୃଶ୍ୟ ଦୃଶ୍ୟମାନ । ସ୍ୱଜନଙ୍କୁ କିମ୍ବା ଅନ୍ୟାନ୍ୟ ବନ୍ଧୁମାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ନଥିଲେ ପ୍ରେମ ସୃଷ୍ଟି ହେବା ଅସମ୍ଭବ । କି'ନ୍ତୁ ଆମେ ଅନେକ ସମୟରେ ପ୍ରେମର ସଂଜ୍ଞାକୁ ଏତେ ନିକୁଷ୍ଟ କରି ପ୍ରକାଶ କରିଥାଉ, ଯେଉଁଥିରେ ଅବିଶ୍ୱସନୀୟତା ଭରି ରହିଥାଏ । ତେଣୁ ସେହି ପ୍ରେମ ପ୍ରଳାପ ଏକ ଛଳନାତ୍ମକ ପରିବେଷ୍ଟନୀରେ ଅଂତରଣୀୟ ହୋଇଥାଏ ଯାହା ସମୟରେ ବିଶ୍ୱାସଘାତ କରିବାର ଅବିଶ୍ୱସନୀୟତା କାରଣରୁ ଆଭ୍ୟନ୍ତରୀଣ ସୁରକ୍ଷାକବଚର ବ୍ୟବହାର ଆବଶ୍ୟକ ହୋଇଥାଏ ।

ଅଧିକାଂଶ ପାରିବାରିକ କଳହ ସୃଷ୍ଟିର ମୂଳ କାରଣ ହୋଇଥାଏ ନିଜସ୍ୱ ସ୍ୱାର୍ଥ ଏବଂ ଅବିଶ୍ୱସନୀୟତା । ଇତିମଧ୍ୟରେ ମିଥ୍ୟା ଗୋଟିଏ ମାଧ୍ୟମ ଭଳି କାର୍ଯ୍ୟ କରିଥାଏ, ଯେଉଁଥିରେ ଅବିଶ୍ୱସନୀୟତା ଉପୁଜିବାର ଅତ୍ୟନ୍ତ ପଥ ପରିଷ୍କୃତ ହୋଇଥାଏ । ପାରିବାରିକ ସମ୍ପର୍କର ନିବିଡ଼ତା ମଧ୍ୟରେ ଅବିଶ୍ୱସନୀୟତା ଏମିତି ଏକ ପ୍ରାଚୀର ସୃଷ୍ଟି କରେ, ଯାହା ପ୍ରେମ ବଦଳରେ ହିଂସାତ୍ମକ ଭାବ ସୃଷ୍ଟି କରିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ । କୌଣସି ପରିବାର ମଧ୍ୟରେ ନିଜର ବ୍ୟକ୍ତିଗତ ସୁରକ୍ଷା ଖୋଜୁଥିବା ମଣିଷଙ୍କ ମଧ୍ୟରେ ପ୍ରେମ ପରିବର୍ତ୍ତେ ହିଂସାତ୍ମକ ଭାବ ରହିଥାଇ ପ୍ରେମର ମିଥ୍ୟା ବାହାନା ପ୍ରଦର୍ଶନ ପୂର୍ବକ ଆମେ ବଂଚୁଥିବା ଅତ୍ୟନ୍ତ ସତ୍ୟ । କୌଣସି କାର୍ଯ୍ୟକ୍ଷେତ୍ରରେ କେତେକ ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ମଧ୍ୟ ଅନୁରୂପ ଚିନ୍ତନ ଦେଖିବାକୁ ମିଳେ । ହେଲେ ଏହା ମଣିଷର ଏକ ମାନବୀୟ ଚରିତ୍ର କି ନାହିଁ ନିଜେହିଁ ବିଚାର କରି ଦେଖିବା କଥା । ଏହି ସୁରକ୍ଷା କବଚର ବ୍ୟବହାର ମଣିଷକୁ ଏକାକୀ କରି ଦେଉନାହିଁ ତ? ବିଶେଷଭାବେ ବିଶ୍ଳେଷଣ କରି ଦେଖିଲେ ବୁଝିହେବ ଯେ ମଣିଷ କେବଳ ଏହି ବ୍ୟକ୍ତିଗତ ସ୍ୱାର୍ଥ ତଥା ଅବିଶ୍ୱସନୀୟତାରୁ ହିଁ ଏକାକୀ ହୋଇ ରହିଥାଏ । ଅନ୍ୟମାନଙ୍କ ପ୍ରେମମୟ ପ୍ରବଚନ, ସମ୍ଭାଷଣ ଶୁଣି ମନରେ ଆନନ୍ଦ ଉପଲବ୍ଧ ହେଉଥିଲେ ମଧ୍ୟ ବାସ୍ତବିକ କାହାର କାହାପ୍ରତି ପ୍ରକୃତ ପ୍ରେମ, ସମ୍ବେଦନଶୀଳତା ରହି ନ ଥାଏ । କେତେକ କ୍ଷେତ୍ରରେ ଅନ୍ୟର କୁମନ୍ତ୍ରଣା, ପ୍ରରୋଚନାରେ ପଡି ମଣିଷ ନିଜର ହିତାହିତ ଜ୍ଞାନ ହଜାଇ ଦେଇ ସମସ୍ତଙ୍କ ପ୍ରତି ଅବିଶ୍ୱାସ ଭାବ ରଖୁଥିବା ମଧ୍ୟ ଦେଖିବାକୁ ମିଳେ । ଅବିଶ୍ୱାସ ଭାବ ରଖୁଥିବା ମଣିଷଙ୍କ ପ୍ରତି କାହାର ଆନ୍ତରିକତା ପରିବର୍ତ୍ତେ ହିଂସାତ୍ମକ ଭାବ ସୃଷ୍ଟି ହେବା ଅନିବାର୍ଯ୍ୟ । ସେହି ହିଂସା କାରଣରୁ ନିଜକୁ ଦୁଃଖୀ, ଅସନ୍ତୁଳିତ ଅବସ୍ଥାରେ ରଖିବା ଛଡା କାହାର ପ୍ରିୟଭାଜନ ହେବା ସମ୍ଭାବନା ନ ଥାଏ । ତେଣୁ ମଣିଷ ଏକ ପ୍ରେମମୟ ପରିବେଶ ସୃଷ୍ଟି କରି ଦୈନନ୍ଦିନ ଜୀବନଯାତ୍ରାକୁ ଆନନ୍ଦମୟ କରିବାକୁ ହେଲେ ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରିବାକୁ ହେବ । ସତ୍ୟବାଦୀ ଓ ବିଶ୍ୱସନୀୟତା ଭାବ ଜାଗ୍ରତ କରାଗଲେ ପରିବାର ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଆନନ୍ଦମୟ ବାତାବରଣ ସୃଷ୍ଟି ହେବା ସମ୍ଭବ ହୋଇପାରିବ । ଅନ୍ୟଥା ସବୁବେଳେ ଅବିଶ୍ୱସନୀୟତା, ମିଥ୍ୟାଚରିତା ମଧ୍ୟରେ ନିଜକୁ ପରିଚାଳିତ କରି ଅନେକ ଦୁଃଖ, କଷ୍ଟ ପାଇବା ଛଡା ବାସ୍ତବ ଆନନ୍ଦ ଅନୁଭବ, ଉପଭୋଗ କରିବା ଅସମ୍ଭବ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟାଖ୍ୟା କରିବା ପାଇଁ ଅନୁରୋଧ...

**ପଙ୍କଜ କୁମାର ପାଣିଗ୍ରାହୀ**, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ.: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

*ବାଳିକା ଭଳି ନିରୀହ ହୁଅ ।*
*ବୃଦ୍ଧମାନଙ୍କ ଭଳି ସ୍ଥିତପ୍ରଜ୍ଞ ହୁଅ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଶହୀଦ ସଂଗ୍ରାମୀ-ଜୟୀ ରାଜଗୁରୁ

**—ଅକ୍ଷୟ କୁମାର ରାଉତ**



**ଯେ**ଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧ୍ୟକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।



କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜିହେଲେନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମୈତ୍ରୀ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଦଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା' ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୁଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧା ଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଳିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା।

ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ.ନଂ. - ୯୯୩୭୬୯୧୪୭୫*

# କୁମ୍ଭୀର କାନ୍ଦଣା ଆଉ କେତେ ଦିନ ?

**----------ସୁବାଷ କୁମାର ତାରଣିଆଁ----------**

**ଚ**ଳିତବର୍ଷ ମୌସୁମୀ ଜନିତ ବର୍ଷା ଅଭାବରୁ ରାଜ୍ୟରେ ଏକ ପ୍ରକାର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଏପରି ଉପୁଜିଥିଲା ଯେ, ରାଜ୍ୟକୁ ମରୁଡ଼ି ଘୋଷଣା କରିବାକୁ ଚଳିତ ବିଧାନସଭା ଅଧିବେଶନରେ ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇଥିଲା। ହେଲେ ଏହାର ଦିନ କେଇଟା ପରେ ସବୁକିଛି ଓଲଟ ପାଲଟ ହୋଇଯାଇଥିଲା। ସେପ୍ଟେମ୍ବର ମାସ ୧୯ ତାରିଖ ରବିବାର ଲଘୁଚାପ ଯୋଗୁଁ ଲଗାଣ ବର୍ଷା ତା' ସାଙ୍ଗକୁ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜଧାନୀରେ ପ୍ରବଳ ବର୍ଷା ହୋଇ ବିଭିନ୍ନ ଅଞ୍ଚଳରେ ବର୍ଷାପାଣି ଜମି ରହି ନର୍ଦ୍ଦମାରେ ସୁଅ କାଟି ପାଣି ପ୍ରବାହିତ ହେଉଥିଲା। ଏହି ଲଘୁଚାପ ଜନିତ ବର୍ଷାରେ ରାଜଧାନୀରେ ଘଟିଥିଲା ଏକ ବଡ଼ ଅଘଟଣ। ବରମୁଣ୍ଡା ଶତାବ୍ଦୀ ନଗରରେ ରହୁଥିବା ହରେକୃଷ୍ଣ ବେହେରାଙ୍କ ବଡ଼ପୁଅ, ୧୫ ବର୍ଷର ଦଶମ ଶ୍ରେଣୀର ଛାତ୍ର ଜ୍ୟୋତିପ୍ରକାଶ ବେହେରା ଓରଫ ରାଜା ଟ୍ୟୁସନ ଯାଉଥିବା ସମୟରେ ଶତାବ୍ଦୀ ନଗର ମୁଖ୍ୟ ନର୍ଦ୍ଦମାରେ ଖସିପଡ଼ି ସାଇକେଲ ସହ ଭାସିଯାଇ ମୃତ୍ୟୁବରଣ କରିଥିଲେ।

ରବିବାର ଅପରାହ୍ନରେ ବର୍ଷାର ପ୍ରକୋପ କମିଥିଲେ ମଧ୍ୟ ଝିପ୍ ଝିପ୍ ବର୍ଷା ହେଉଥାଏ। ଘରେ ମା' ଜ୍ୟୋତିପ୍ରକାଶଙ୍କୁ ମନା କରିଥିଲେ ଟ୍ୟୁସନ ଯିବା ପାଇଁ। କିନ୍ତୁ ମା'ଙ୍କ କଥା ନ ମାନି, ଜ୍ୟୋତିପ୍ରକାଶ ପାଠ ପଢିବା ପାଇଁ ଟ୍ୟୁସନ ବାହାରିଥିଲେ। ଦୁର୍ଭାଗ୍ୟର କଥା ସେ ଯେଉଁ ରାସ୍ତା ଦେଇ ଟ୍ୟୁସନ ଯାଉଥିଲେ, ସେ ରାସ୍ତା ବୁଡ଼ି ଯାଇଥିଲା ଏବଂ ନର୍ଦ୍ଦମା ପାଣିର ସୁଅକୁ ସେ ଜାଣିପାରି ନଥିଲେ। ସାଇକେଲରେ ରାସ୍ତା ଅତିକ୍ରମ କରୁଥିବା ବେଳେ ନିୟନ୍ତ୍ରଣ ହରାଇ ନର୍ଦ୍ଦମା ଭିତରକୁ ଖସି ପଡ଼ି ଭାସି ଯାଇଥିଲେ।

ଏହି ଘଟଣାଟି ଜଣାପଡ଼ିବା ପରେ ଅଗ୍ନିଶମ ବିଭାଗର ଏକ ୬ ଜଣିଆ ଦଳ, ପୋଲିସ୍ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ନର୍ଦ୍ଦମାରେ ଖୋଜାଖୋଜି ଆରମ୍ଭ କରିଥିଲେ, କିନ୍ତୁ ସନ୍ଧ୍ୟା ସୁଦ୍ଧା ଜ୍ୟୋତିପ୍ରକାଶଙ୍କର କୌଣସି ପତ୍ତା ମିଳି ନ ଥିଲା। ଅଗ୍ନିଶମର ଏକ ଟିମ୍ ଘଟଣାସ୍ଥଳରୁ ପାଖାପାଖି ୩ କିମି ଦୂର ଗଣ୍ଡମୁଣ୍ଡା ମୁଖ୍ୟ ଡ୍ରେନ୍ ପର୍ଯ୍ୟନ୍ତ ଖୋଜିଥିଲେ ମଧ୍ୟ ନିରାଶ ହୋଇଥିଲେ। ଏହାର ୨୦ ଘଣ୍ଟା ପରେ, ଘଟଣାର ପରଦିନ ସୋମବାର ସକାଳେ ୪ କି.ମି. ଦୂର ଭାସି ଯାଇଥିବା ପଞ୍ଚଶଖା ନଗର ଡ୍ରେନ ପାଖ ଏକ ବୁଦାରୁ ଜ୍ୟୋତିପ୍ରକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜ୍ୟୋତିଙ୍କ ମୃତଦେହ ଉଦ୍ଧାର ହେବା ପରେ ଶତାବ୍ଦୀ ନଗର ସମେତ ସାରା ରାଜଧାନୀରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ଯାହା ଥିଲା ଅତ୍ୟନ୍ତ ହୃଦୟ ବିଦାରକ।

ଜ୍ୟୋତିଙ୍କ ମୃତ୍ୟୁ ପ୍ରସଙ୍ଗକୁ ନେଇ କଂଗ୍ରେସ ଦଳ, ବିଏମ୍‌ସିର ବିଫଳତା ପ୍ରତିବାଦରେ ରାସ୍ତା ରୋକ କରିବା ସହ ରାଜ୍ୟ ସରକାରକୁ ଦୋଷାରୋପ କରିଥିଲା। ବିଏମ୍‌ସି ଓ ସ୍ମାର୍ଟସିଟିର ଅପାରଗତାକୁ ନିନ୍ଦା କରିଥିଲେ ଏବଂ ବିଏମ୍‌ସିର ଖାମଖିଆଲ ଯୋଗୁଁ ଜ୍ୟୋତିଙ୍କ ମୃତ୍ୟୁ ଘଟିଛି ବୋଲି ଅଭିଯୋଗ କରି ବିଏମ୍‌ସି କମିଶନଙ୍କ ବିରୋଧରେ ଡ଼ିସିପିଙ୍କ ନିକଟରେ ଫେରାଦ ଦେଇଥିଲା କଂଗ୍ରେସ।

ସେପଟେ ବିଏମ୍‌ସିର ଅବହେଳା ଓ ଦାୟିତ୍ୱହୀନତା ପାଇଁ ଜଣେ ନିରୀହ ପିଲାର ଜୀବନ ଗଲା। ଜ୍ୟୋତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ବିଜେପିର ଶତାଧିକ କର୍ମୀ ବିଏମ୍‌ସି ଅଫିସ୍ ଘେରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ବିଜେପି କର୍ମୀଙ୍କ ସହ ପୋଲିସ୍‌ର ମଧ୍ୟ ଧସ୍ତାଧସ୍ତି ହୋଇଥିଲା। ସେହିପରି ଜ୍ୟୋତିଙ୍କ ମୃତ୍ୟୁରେ ମର୍ମାହତ ହୋଇ ରାଜଧାନୀରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଜ୍ୟୋତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା



ରାଜଧାନୀରେ ଡ୍ରେନରେ ଭାସିଯାଇ ମୃତ୍ୟୁବରଣ କରିବା ଆଜି ନୂଆ ନୁହେଁ। ବିଗତ ବର୍ଷରେ ରାଜଧାନୀର ମୁକୁଳା ଡ୍ରେନରେ ପଡ଼ି ମୃତ୍ୟୁବରଣ କରିଥିବା ଅନେକ ଦୃଷ୍ଟାନ୍ତ ରହିଛି। ୨୦୧୩ ଅଗଷ୍ଟ ମାସରେ ଚିନ୍ତାମଣିଶ୍ୱର ଅଞ୍ଚଳରେ ପାଉଁରୁଟି କାରଖାନାରେ କାମ କରୁଥିବା ଜଣେ ଯୁବକ ଶୌଚ ହେବାକୁ ଯାଇଥିବା ବେଳେ ଅଚାନକ ବର୍ଷା ହୋଇଥିଲା। ବର୍ଷାର ତୀବ୍ରତା ଏତେ ଥିଲା ଯେ, ନର୍ଦ୍ଦମାର ୧୫ଫୁଟ ଗଭୀରକୁ ଯୁବକଙ୍କୁ ଭସାଇ ନେଇଥିଲା ଓ ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

୨୦୧୫, ଅଗଷ୍ଟ ୨୫ ତାରିଖରେ ନୂଆପଲ୍ଲୀ ଥାନା ୟୁନିଟ୍-୮ ଅଞ୍ଚଳର ଜଣେ ନାବାଳକ ପୁପୁନ ବିଶ୍ୱାଳ ନର୍ଦ୍ଦମା ପାଣିରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ମା'ଙ୍କ ହାତ ଧରି ବିଦ୍ୟାଳୟରୁ ଖୁସିରେ ଘରକୁ ଫେରୁଥିବା ବେଳେ ବର୍ଷାପାଣିରେ ଖସିପଡ଼ି ମୁକୁଳା ନାଳରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକ ଖୋଜାଖୋଜି ପରେ କିଛି ଦୂରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

୨୦୧୮ ମସିହା, ଅଗଷ୍ଟ ମାସ ୧୩ ତାରିଖରେ ଗଙ୍ଗନଗର ପିଚୁପଡ଼ିଆ ବସ୍ତିରେ ରହୁଥିବା ହରିହର ପଟ୍ଟନାୟକ ନର୍ଦ୍ଦମାରେ ଭାସିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ସମୟରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଓ ନର୍ଦ୍ଦମା ଜାଣିବା ଅସମ୍ଭବ ମନେହେଉଥିଲା, ହରିହର ଚାଲିଚାଲି ଘରକୁ ଫେରୁଥିବା ବେଳେ ଗୋଡ଼ ଖସିଯିବାରୁ ସୁଅରେ ଭାସିଯାଇଥିଲେ ଓ ଅଗ୍ନିଶମ ବିଭାଗ ଖୋଜାଖୋଜି କରି ଦୀର୍ଘସମୟ ପରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ, ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ସେହିପରି ୨୦୧୯ ମସିହା ଜୁଲାଇ ୨୫ ତାରିଖରେ ନୂଆପଲ୍ଲୀ ସାଲିଆ ସାହି ଆଦିବାସୀ ଗାଁରେ ରହୁଥିବା ଆନ୍ଧ୍ରପ୍ରଦେଶର ଟି. ଆକାମା ମୁକୁଳା ନାଳରେ ପଡ଼ି ମୃତ୍ୟୁବରଣ କରିଥିଲେ। ସେ ସନ୍ଧ୍ୟାରେ ସ୍ୱାମୀଙ୍କ ସହ ବଜାରକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ହେବାରୁ ଉଭୟ ସ୍ୱାମୀ, ସ୍ତ୍ରୀ ଏକାମ୍ରଭିଲ୍ଲା ଦେଇ ଘରକୁ ଫେରୁଥିଲେ। ରାସ୍ତାକାମ ଚାଲୁଥିବାରୁ ନାଳ ନର୍ଦ୍ଦମା ସବୁ ମୁକୁଳା ପଡ଼ିଥିଲା, ପ୍ରବଳ ବର୍ଷା ଯୋଗୁଁ ରାସ୍ତା ଉପରେ ଚାଲୁଥିବା ପାଣି ସୁଅରେ ଟି. ଆକାମା ନାଳ ଭିତରକୁ ଖସିପଡ଼ି ଭାସିଯାଇ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତଦେହକୁ ନେଇ ବସ୍ତିର ଶହ ଶହ ସଂଖ୍ୟାରେ ଲୋକ ରାସ୍ତା ଅବରୋଧ କରିଥିଲେ। ବିଭିନ୍ନ ରାଜନୈତିକ ଦଳ ମୃତକଙ୍କ ପରିବାରକୁ କ୍ଷତିପୂରଣ, ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ମୁକୁଳା ନର୍ଦ୍ଦମାକୁ ତୁରନ୍ତ ମରାମତି କରିବାକୁ ଦାବି କରି ରାସ୍ତା ରୋକ କରିଥିଲେ। ସ୍ଥାନୀୟ ବିଧାୟକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ନର୍ଦ୍ଦମା ମରାମତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଘଟଣାଟିକୁ ସମସ୍ତେ ପାଶୋରି ଯାଇଥିଲେ।

ବର୍ଷା ହେଲେ ପୂର୍ବରୁ ଓଡ଼ିଶାର ସର୍ବପୁରାତନ ସହର କଟକ ଜଳବନ୍ଦୀ ହେବା ଓ ନାଳ ନର୍ଦ୍ଦମାରେ ଭାସିଯିବା ବେଶ ଚର୍ଚ୍ଚାରେ ରହୁଥିଲା। କିନ୍ତୁ ଏବେ କଟକ ସହିତ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ମଧ୍ୟ ଏ ପ୍ରକାର ଅପବାଦରେ ଛନ୍ଦି ହୋଇଯାଇଛି। ବର୍ତ୍ତମାନ କ୍ରମାଗତ ଭାବେ ରାଜଧାନୀରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବହୁଳ ଜନସଂଖ୍ୟା ଯୋଗୁଁ ଲୋକମାନେ ସରକାରୀ ଜମିକୁ ମାଡ଼ିବସି ଅକ୍ତିଆର କରୁଛନ୍ତି, ବିନା ଅନୁମତିରେ ନାଳ, ନର୍ଦ୍ଦମାକୁ ପୋତି ଘର, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ତିଆରି କରୁଛନ୍ତି। ଫଳରେ ବର୍ଷା ଜଳ ନିଷ୍କାସନ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଅସରାଏ ବର୍ଷା ହେଲେ ରାଜଧାନୀରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି, ନାଳ ନର୍ଦ୍ଦମା ବୁଡ଼ି ରାସ୍ତାରେ ପାଣିର ସୁଅ ଛୁଟୁଛି। ଏହାର କୁପରିଣାମ ଭୋଗୁଛନ୍ତି ରାଜଧାନୀବାସୀ। ପ୍ରତିବର୍ଷ କେହି ନା କେହି ନର୍ଦ୍ଦମାରେ ପଡ଼ି ମୃତ୍ୟୁବରଣ କଲାପରେ, ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଂଗଠନ ରାଜରାସ୍ତାକୁ ଓହ୍ଲାନ୍ତି, ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରନ୍ତି ଓ କିଛିଦିନ ପରେ ଏହାକୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି। ପୁଣି ଆସନ୍ତା ବର୍ଷାଦିନେ ନର୍ଦ୍ଦମା ଜନିତ ଦୁର୍ଘଟଣା ଘଟିଲେ ପୁଣି ରାଜରାସ୍ତାକୁ ଓହ୍ଲାଇବେ।

ଏହି ଘଟଣା ପରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜ୍ୟୋତି ଭାସି ଯାଇଥିବା ଡ୍ରେନ୍ ସମେତ ରାଜଧାନୀର ବିଭିନ୍ନ ମୁକୁଳା ଡ୍ରେନରେ ବାଉଁଶ ବ୍ୟାରିକେଡ଼ କରାଯାଇ ସୂଚନା ଫଳକ ମରାଯାଇଛି। ହେଲେ ରାଜଧାନୀରେ ମୋଟ ୭୫ଟି ସମ୍ବେଦନଶୀଳ ଡ୍ରେନ୍ ଚିହ୍ନଟ ହୋଇଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତ୍ୟେକ ରାଜନୈତିକ ଦଳ, ସମାଜସେବୀ ଓ ରାଜଧାନୀବାସୀ ରାଜ୍ୟ ସରକାର ଓ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ତ ମୁକୁଳା ନାଳ ନର୍ଦ୍ଦମାର ସ୍ଥାୟୀ ସମାଧାନ କରାଯାଇ ପାରିଲେ ଏଭଳି ଦୁର୍ଘଟଣା ଘଟନ୍ତା ନାହିଁ ଏବଂ ରାଜଧାନୀ ଜଳମଗ୍ନରୁ ରକ୍ଷା ପାଇପାରନ୍ତା।

*-କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪*

# ସାହିତ୍ୟ ଦର୍ପଣ



## ଆରଥରକୁ ଦେଖାହେବ

ମାଙ୍କଡ ଏବଂ କୁମ୍ଭୀର ଏହା ଭିତରେ ବୁଢା ହୋଇଯାଇଥିଲେ । ଦିନେ କୁମ୍ଭୀର ନଈକୂଳ ଜାମୁକୋଳି ଗଛ ତଳକୁ ଆସି ପଶ୍ଚାତାପ କରି କହିଲା, ପ୍ରିୟ ବନ୍ଧୁ ମାଙ୍କଡ଼,ବିଗତ ଦିନର ଘଟଣା ପାଇଁ ମୁଁ ଏବଂ ମୋ ପତ୍ନୀ ବିଶେଷ ଦୁଃଖିତ। ବୃଦ୍ଧ ଅବସ୍ଥାରେ ଏବେ ମୋ ପତ୍ନୀ ଆମିଂଶ ଭୋଜନ ବର୍ଜନ କରିସାରିଲେଣି । ଶେଷ ଜୀବନରେ ସାକାହାରୀ ହୋଇ ଗୋଟେ ଭକ୍ତିପୂତ ଭାବେ ଜୀବନ ବଞ୍ଚାଇବାର ପଣ ନେଇଛନ୍ତି । ତେଣୁ ସେ କ୍ଷମା ଯାଚ୍‌ନା କରି, ତୁମ ନିକଟରେ ଏକ ବିଶେଷ ଅନୁରୋଧ ରଖିଛନ୍ତି । ଯଦି ତୁମେ ପ୍ରତିଦିନ କିଛି ଜାମୁକୋଳି ତାଙ୍କ ନିକଟକୁ ପଠାଇ ପାରନ୍ତ ତେବେ ସେ ବହୁତ ପ୍ରୀତ ହୁଅନ୍ତେ ଏବଂ ତୁମେ କ୍ଷମା କରିଦେଇଛ ବୋଲି ଅନୁଭବ କରନ୍ତେ।

-କିଛିସମୟ ଚ଼ିନ୍ତାକରି ମାଙ୍କଡ଼ କହିଲା, ହେ ବନ୍ଧୁ କୁମ୍ଭୀର, ଜାମୁକୋଳି ସବୁ ଏବେ ବୁଢା ହୋଇଗଲେଣି। ସେ କୋଳିରେ ଆଉ କି ସ୍ୱାଦ ଅଛି ?

କୁମ୍ଭୀର କହିଲା, ବନ୍ଧୁ ଆମେ ସମସ୍ତେ ତ ଏମିତି ବୁଢା ହୋଇ ଗଲେଣି । ଏହା ବି ସମୟ ର ନିୟମ । ଏହାକୁ କ'ଣ ଏଡାଇ ଦିଆଯାଇପାରେ ? କେବେ ନୁହେଁ । ତେଣୁ ମନରେ ଆଉ ବିକାର ରଖିବା ଉଚ଼ିତ ନୁହେଁ । ଖାଦ୍ୟ ପାଇଁ ଆଉ ଲୋଭ ବି ନାହିଁ ।ଏ ସମୟ କେବଳ ନିଷ୍କାମ ଭାବରେ ଭାଗବତ ଚ଼ିନ୍ତାରେ ଜୀବନ କଟାଇବ ଉଚ଼ିତ । ହଁ, ଏବେ ଖାଦ୍ୟ ଆଉ ରଚୁ ନାହିଁ । ଆଖିକୁ ଭଲ ଦେଖାଯାଉନାହିଁ । ଆସ ବନ୍ଧୁ ଦୁଃଖ



ଡଃ.ଶଶୀ ଭୂଷଣ ମହାପାତ୍ର

ସୁଖ ହେବା । ନଈ ନାଳ ବୁଲି ପ୍ରକୃତିର ଶୋଭା ଦର୍ଶନ କରିବା । ପ୍ରାଣଭରି ବୁଲି ଆନନ୍ଦ ଲାଭ କରିବା । ବନ୍ଧୁର ସହଚ଼ର୍ଯ୍ୟ ହିଁ କେବଳ ଏଭଳି ଆନନ୍ଦ ଆଣିଦେଇଥାଏ ।

-ମାଙ୍କଡ଼ କହିଲା, ବନ୍ଧୁ ମୁଁ ବି ବୃଦ୍ଧ, ଗଛର ଉର୍ଦ୍ଧରେ ରହୁଛି ଆଉ ନିମ୍ନ ଭାଗକୁ ଗତି କରିପାରୁନାହିଁ । ଆବଶ୍ୟକ ମଧ୍ୟ ପଡୁ ନାହିଁ । କୁମ୍ଭୀର କହିଲା ହେ ବନ୍ଧୁ ମୁଁ ମଧ୍ୟ ବୃଦ୍ଧ, ପାଣିରୁ ଏ କୂଳକୁ ଯାହା ଉଠି ପାରୁଛି ସିନା କିନ୍ତୁ ଏ ଗଛର ଉର୍ଦ୍ଧକୁ ଯିବା ଅସମ୍ଭବ । ନଚେତ ଉପରକୁ ଯାଇ ତୁମ ସହ ଗଛରେ ସୁଖ ଦୁଃଖ ହୁଅନ୍ତି । ହେ ବନ୍ଧୁ ମନା କର ନାହିଁ। ଆଉ କେତେ ବା ଦିନ ବଞ୍ଚିବା। ଏ ଜୀବନର ଅନ୍ତ ସୁନିଶ୍ଚିତ। ତା' ସହ ଜୀବନ ପ୍ରତି ଆଉ ଲୋଭ କି ମୋହ ନାହିଁ। କେବଳ ବନ୍ଧୁ ସହଚ଼ର୍ଯ୍ୟ ଲୋଡ଼ା। ତୁମେ ଡେଇଁ ପଡ ମୋ ପିଠି ଉପରକୁ, ଏ ପିଠି ତୁମକୁ ବସାଇ ବୁଲାଇବାର ସାମର୍ଥ ରଖେ। ବନ୍ଧୁର ଅନୁରୋଧ ରକ୍ଷା କର ।

- ଠିକ ଅଛି ବନ୍ଧୁ ଏପଟ ସେପଟ ହେବ ନାହିଁ। ଏଇ ଡେଇଁଲି ମାଙ୍କଡ଼ କହିଲା।

ଡେଇଁପଡିଥିବା ମାଙ୍କଡକୁ କୁମ୍ଭୀର ତା' ପାଟିରେ ଭଲକରି କାମୁଡି ଧରି କହିଲା, ଆରେ ମୂର୍ଖ ତୁ କ'ଣ ଭାବିଛୁ ଆମେ ସତରେ ଆମିଂଶ ଛାଡ଼ି ଦେଇଛୁ ? ଆମ ପ୍ରକୃତିକୁ ବଦଳାଇଦେଇଛୁ ? ଏହା ଭାବିବା ତୋର ମସ୍ତବଡ଼ ଭୁଲ। ବୟସ ବଢିଛି ସତ କିନ୍ତୁ ଏ ପର୍ଯ୍ୟନ୍ତ ଶିକାର କରିବାର ସାମର୍ଥ ହରାଇ ବସି ନାହିଁ । ସେଥର ସିନା ଠକି ଦେଇ ଖସି ଯାଇଥିଲୁ ଏଥର କିନ୍ତୁ ନୁହେଁ । ଏଥର ତୋର କଳିଜା ଖାଇ ପତ୍ନୀ ମୋର ସନ୍ତୁଷ୍ଟ ହେବେ ।ଏଇ ଦିନ ପାଇଁ ଅପେକ୍ଷା କରି ରହିଥିଲି ।ଆଜି ସେ ସମୟ ଆସିଛି ।

ମାଙ୍କଡ଼ ମନ ଭରି ହସିଲା ଏବଂ କହିଲା, ଆରେ ବନ୍ଧୁ ଦ୍‌ରୋହୀ କୁମ୍ଭୀର, ମୂର୍ଖ ମୁଁ ନୁହେଁ, ତୁ ମୂର୍ଖ, ଏଇ ଦେଖ ମୁଁ ଏବେ ବି ଗଛ ଡାଳରେ ବସିଛି । ତୁ କ'ଣ ଭାବିଛୁ ମୋର ବୟସ ବଢ଼ି ଯାଇଛି ବୋଲି ମୋର ବୁଦ୍ଧି କମି ଯାଇଛି ? ମୋର ଚ଼ାଲାଖି ପ୍ରକୃତି ଛାଡ଼ି ଦେଇଛି । ଏ ଭ୍ରମରେ ରହିଲୁ କେମିତି ? ମୁଁ ରୋବଟ ମାଙ୍କଡ଼ଟିଏ ତୋ ଉପରକୁ ପକାଇଦେଇଛି ।ତା'ର କଳିଜାକୁ ଚୁଇଁଗମ କରି ଚୋବାଇ ଚୋବାଇ ଏ ବନ୍ଧୁର ଗୁଣ ଗାଉଥିବୁ। ଆଉ ସ୍ତ୍ରୀ ସହିତ ଜୀବନ କଟାଉଥିବୁ । ହଁ, ଆଉ ରହିଲା ବନ୍ଧୁ ସହଚ଼ର୍ଯ୍ୟ କଥା ଏହାକୁ ତ ନିଭାଇବାକୁ ପଡିବ ତେଣୁ ହେ କୃତଘ୍ନ ବନ୍ଧୁ ଏବେ ଗଛ ଉପରକୁ ଡେଇଁ ପଡ ସେଠି ବସି ପ୍ରକୃତିର ଦର୍ଶନ କରିବା, ସୁଖ ଦୁଃଖ ହେବା। ଜୀବନର ଅସଲ ଆନନ୍ଦ ସାଉଣ୍ଟିବା ।ପାରିବୁ କ'ଣ ? କେବେ ନୁହେଁ । ସେ ସାମର୍ଥ ତୋର ନାହିଁ । ଏବେ ବି ତୋର ମସ୍ତିଷ୍କ ବିକଶିତ ହୋଇ ପାରି ନାହିଁ। ବୁଦ୍ଧି ଆସିବ କେଉଁଠୁ ? ତୁ ଏବେ ବି ଖାଦ୍ୟ ପ୍ରେମରେ ପଡ଼ିରହିଛୁ। ବନ୍ଧୁ ପ୍ରେମର ସ୍ୱରୂପ କ'ଣ ତୁ କାହୁଁ ଜାଣିବୁ ? ଏହି ସଙ୍ଗ ପାଇବାକୁ ହେଲେ ଉର୍ଦ୍ଧତର ଚେତନାକୁ ଉଠିବାକୁ ପଡିବ।ବନ୍ଧୁପ୍ରେମର ହୃଦୟ କୁସୁମ କୋମଳ । ଏ କଥା ବୁଝିବାକୁ ହେଲେ ତୋତେ ଅନେକ ଜନ୍ମ ଲାଗିବ ।ଯେଉଁ ଦିନ ସେହି ଭାବ ବ୍ୟାକୁଳିତ ହେବ ସେବେ ଆସିବୁ । ତୁ ବିବର୍ତ୍ତନର ସେହି ସ୍ତରରେ ରହିଛୁ ।ତୋର ପ୍ରକୃତି ହିଁ ତୋତେ ସେମିତି କରି ରଖିଛି। ମୁଁ ଏବେ ବି ମୋର ମସ୍ତିଷ୍କ ଖଟଉଛି ଏବଂ ତା'ର ପ୍ରୟୋଗ କରୁଛି । ତା' ସହ ସୁନ୍ଦର ହୃଦୟଟିଏ ମଧ୍ୟ ରଖିଛି ।ବାଏ ବାଏ, ବନ୍ଧୁ କୁମ୍ଭୀର । ଅରଥରକୁ ଦେଖାହେବ।

ପ୍ରାଧ୍ୟାପକ,
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
Email- sashibhushan10@gmail.coö
ମୋ : ୭୯୭୮୦୩୬୯୧୮

## ଫିଉଜ୍ ବଲବ୍



ସୁଷମା ପରିଜା

ରାଜଧାନୀ ର ସମ୍ଭ୍ରାନ୍ତ ଆପାର୍ଟମେଣ୍ଟ୍ ମଧ୍ୟରୁ ଅନ୍ୟତମ " ଆଶିୟାନା କମ୍‌ପ୍ଲେକ୍ସ " । ତିନିଟି ବ୍ଲକ ରେ ପ୍ରାୟ ଦୁଇଶହ ଫ୍ଲାଟ୍। ସବୁଥିରେ ରହିଛି ସାମ୍ପ୍ରତିକ ସମୟର ସବୁ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ଉଚ୍ଚ଼ସାମାଜିକ ଜୀବନଧାରଣର ସମସ୍ତ ବ୍ୟବସ୍ଥା । ଅଧିକାଂଶ ଘରର ମାଲିକମାନେ ରାଜ୍ୟ ବା ଦେଶ ବାହାରେ ଥିବାବେଳେ କାହାର ବୟସ୍କ ବାପା ମାଆ ରହୁଛନ୍ତି ସେଠାରେ ତ ଆଉ କେହି ଘରକୁ ଭଡାସୂତ୍ରରେ ଦେଇଛନ୍ତି । ହାଉସିଂ ସୋସାଇଟି ଟିଏ ଗଢି ଆପାର୍ଟମେଣ୍ଟ୍ ର ରକ୍ଷଣାବେକ୍ଷଣ ଦାୟିତ୍ୱ ସମର୍ପି ଦେଇଛନ୍ତି ସମସ୍ତେ। ଅନ୍ତେବାସୀଙ୍କ କମ୍ୟୁନିକେସନ୍ ପାଇଁ କମ୍ୟୁନିଟି ହଲ୍, ବ୍ୟାୟାମ ପାଇଁ ଜିମ୍ ଆଉ ମଝିରେ ଲନ୍ ଥାଇ ସୁନ୍ଦର ଫୁଲବଗିଚ଼ା ଟିଏ ରହିଛି । ପ୍ରାୟତଃ ବୟସ୍କ ମହିଳା ମାନଙ୍କ ଅବସର ସମୟ କମ୍ୟୁନିଟି ହଲ୍ ରେ କରୁଥିବା ବେଳେ ବୟସ୍କ ପୁରୁଷ ମାନେ ସନ୍ଧ୍ୟା ସମୟରେ ରେ ସେଇ ବଗିଚ଼ା ଭିତରେ ଚ଼ାଲିଚ଼ାଲି ବୁଲିଥାନ୍ତି, ବ୍ୟାୟମ କରିଥାନ୍ତି ନଚେତ୍ ସେଠି ପଡିଥିବା ଗାର୍ଡେନ୍ ବେଞ୍ଚ୍ ରେ ବସି ଗପସପ କରିଥାନ୍ତି । ଏଇଟା ସେମାନଙ୍କ ଭାବ ବିନିମୟ ସ୍ଥଳ । ତା'ପରେ ଯିଏ ଯାହାର ଫ୍ଲାଟ୍ ଭିତରେ ବନ୍ଦ । କେହି କାହାର ପରିଚ଼ିତ ନୁହଁନ୍ତି କି କାହାର ଆତ୍ମୀୟତା ନଥାଏ କାହା ପାଇଁ। ସେଇଟା ରାଜଧାନୀ ର ଚ଼ଳଣି, ଆଜିର ସହରୀ ସଭ୍ୟତା ।

ଏବେ ନୂଆ ନୂଆ କରି ସେଠାକୁ ଆସିଛନ୍ତି ମିହିର କୁମାର ମିଶ୍ର ବାବୁ। ମୁମ୍ବାଇ ର ଗୋଟାଏ ବଡ ଅନ୍ତରାଷ୍ଟ୍ରୀୟ କମ୍ପାନୀ ର ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରୁ ସଦ୍ୟ ଅବସର ଗ୍ରହଣ କରି ଜନ୍ମମାଟି ଓଡିଶା ରେ ରହିବେ ବୋଲି ଏଇ ବହୁମୂଲ୍ୟ ଆପାର୍ଟମେଣ୍ଟ୍ ଟି କିଣିଥିଲେ କେବେ ସେ କଥା ମନେ ନାହିଁ ।ପିଲାମାନେ ସମସ୍ତେ ନିଜ ନିଜର ସଂସାର ନେଇ ବିଦେଶ ରେ , ଚ଼ାକିରୀ ସରିବା ପରେ କମ୍ପାନୀ କ୍ୱାର୍ଟର୍ ତ ଛାଡିବାକୁ ପଡିବ, ମୁମ୍ବାଇ ସହରରେ ତାଙ୍କ ମନ ମୁତାବକ ଗୋଟିଏ କିଣି ରହିବା ବ୍ୟୟସାପେକ୍ଷ ହେବ । ସେଇଥିପାଇଁ ସସ୍ତ୍ରୀକ ଭୁବନେଶ୍ୱର ଆସି ନିଜ ଘରେ ରହିଛନ୍ତି ସେ । ବହୁଦିନ ଧରି କମ୍ପାନୀ ର ଉଚ୍ଚ଼ ପଦପଦବୀ ରେ ରହି ଆସିଥିବା ମିଶ୍ର ବାବୁଙ୍କର ମିଜାଜ୍ ? ଟିକିଏ ଅଲଗା। ନିଜକୁ ସବୁବେଳେ ଅଲଗା ବଳୟଟିଏ ଭିତରେ ଅନୁଭବ କରନ୍ତି, ତେଣୁ ଏଠାରେ ରହୁଥିବା ଲୋକଙ୍କ ସହିତ ନିଜକୁ ଖାପ୍ ଖୁଆଇ ପାରନ୍ତି ନାହିଁ ସେ । ସହଜରେ କାହା ସହିତ ମିଶି ପାରନ୍ତି ନାହିଁ । ନିଜକୁ ସମସ୍ତଙ୍କର ଉର୍ଦ୍ଧ୍ୱ ରେ ମନେକରନ୍ତି । ଦୂରେଇ ଦୂରେଇ ରହନ୍ତି । ଗତ ଦୁଇ ମାସ ହେଲା ସେ ଆଶିୟାନା କୁ ଆସିଥିଲେ ମଧ୍ୟ ଆଜି ଯାଏ କେବଳ ନୀରୋଦ ପାଢୀ ବାବୁଙ୍କ ବ୍ୟତୀତ ଆଉ କାହା ସହିତ ତାଙ୍କର କଥାବାର୍ତ୍ତା ହୋଇ ପାରିନାହିଁ ।

ସେଦିନ ନୀରୋଦ ବାବୁଙ୍କ ତରଫରୁ ଆରମ୍ଭ ହୋଇଥିଲା ପ୍ରଥମ କଥାବାର୍ତ୍ତା । ଏଇ ବଗିଚ଼ାରେ ଇଭିନିଂ ୱାକ୍ କଲାବେଳେ ପ୍ରଥମ ସାକ୍ଷାତ ହୋଇଥିଲା ଦୁହିଁଙ୍କର। ମିଶ୍ର ବାବୁ ମୁହଁ ଆଡେଇ ଚ଼ାଲିଗଲା ବେଳେ ପଛରୁ ଡାକି ଥିଲେ ପାଢୀ ବାବୁ " ଆଜ୍ଞା, ଆପଣ କ'ଣ ଏଇ ଆପାର୍ଟମେଣ୍ଟ୍ ର କି ? ମୁଁ ନିରୋଦ ପାଢୀ, ଫ୍ଲାଟ୍ ନମ୍ବର ଦୁଇଶ' ତିନି ଏ ବ୍ଲକ୍ । " ମୃଦୁ ହସି ମିହିର ମିଶ୍ର ଙ୍କ ଆଡକୁ କରମର୍ଦ୍ଦନ ପାଇଁ ହାତ ବଢାଇ ଦେଇଥିଲେ ପାଢୀ ବାବୁ । ଅନ୍ୟମନସ୍କ ଭାବେ ହାତ ମିଳାଇ ଥିଲେ ମିହିର ମିଶ୍ର ବାବୁ । ନିଜ ଟି ସାର୍ଟ୍ ର କଲର୍ କୁ ଟିକେ ଉପରକୁ ଟେକି ବେକ ସଣ୍ଢ଼ା ସଳଖି ନିଜର ପରିଚ଼ୟ ଦେଇଥିଲେ " ମୁଁ ମିହିର କୁମାର ମିଶ୍ର, ମୁମ୍ବାଇ ର ଏକ ବହୁରାଷ୍ଟ୍ରୀୟ କମ୍ପାନୀ" ମାର୍କମୋଜାଇକ୍ " ର ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରୁ ସଦ୍ୟ ଅବସରପ୍ରାପ୍ତ ହୋଇଛି । ମୋ'ର ସାରା ଜୀବନ ମେଟ୍ରୋ ସହର ମାନଙ୍କରେ କଟିଛି ।ବଡ ବଡ ବଙ୍ଗଳା, ଗାଡି , କାକର ପୂଝାରୀ ସବୁ ହାଜର ଥିଲା ମୋ' ପାଇଁ। ଏଠି ସେ ସବୁର ମର୍ଯ୍ୟାଦା କିଏ ବା' ବୁଝିପାରିବ ? ମୋ'ର ଦୁଇପୁଅ ସଫ୍ଟ୍‌ୱେର୍ ଇଞ୍ଜିନିଅର, ସେମାନେ ସପରିବାର ଆମେରିକାରେ ରହନ୍ତି ଆଉ ଝିଅ ଅଷ୍ଟ୍ରେଲିଆରେ ରହେ, ମୋ' ଜ୍ୱାଇଁ ସେଠାରେ ଜଣେ ବଡ ବୈଜ୍ଞାନିକ । ଓଡିଶା ଫେରିବା ପାଇଁ ମୋ'ର ମୋଟେ ଇଚ୍ଛ଼ା ନଥିଲା କେବଳ ଧର୍ମପତ୍ନୀଙ୍କ ବାଧବାଧକତା ରେ ଆସିଲି। ତାଙ୍କ ପାଇଁ କାଳେ ଜନ୍ମମାଟିର ମୋହ ସବୁଠୁ ବେଶୀ। ଆରେ ! କାହିଁ ସେସବୁ ସହର ଆଉ କାହିଁ ଭୁବନେଶ୍ୱର ! ହେଲେ ସ୍ତ୍ରୀ ଲୋକମାନେ କ'ଣ ସହଜରେ ବୁଝିବା ଜନ୍ତୁ ? କେବଳ ପରିସ୍ଥିତି ରେ ପଡି ଆସିବା କଥା। ଏଇଟା ସହର ରୁ ଟିକିଏ ଦୂରରେ ବୋଲି, ନହେଲେ କି ଯେ' ଅବ୍ୟବସ୍ଥା ଏଠି "..। ମିଶ୍ର ବାବୁଙ୍କର ଏସବୁ କଥା ଶୁଣିବାକୁ ଭଲ ଲାଗୁନଥିଲେ ମଧ୍ୟ ବାଧ ହୋଇ ଶୁଣୁଥିଲେ ପାଢୀ ବାବୁ। ଏହାକୁ " ଆ' ବଳଦ ମତେ ବିନ୍ଧ୍" ଭଳି ନିଜେ ଡାକି ହାକି ବନ୍ଧୁତା କରିବାର ଫଳ ଭାବି ଚୁପ୍ ହୋଇ ରହୁଥିଲେ । ଶେଷରେ " ଆସୁଛି, ଟିକେ କାମ ଅଛି , ପୁଣି ଦେଖା ହେବ " କହି ନିଜକୁ ମୁକ୍ତ କରିଥିଲେ ।

ତା'ପର ଠାରୁ ନିରୋଦ ବାବୁଙ୍କର ଯେବେ ବି ସାକ୍ଷାତ ହୋଇଛି ମିହିର ମିଶ୍ରଙ୍କ ସହିତ , ସେଇ ପୁରୁଣା ରେକର୍ଡ୍ ବାଜିବା ବ୍ୟତୀତ ଆଉ କିଛି କଥାବାର୍ତ୍ତା ହୋଇନାହିଁ । ସବୁବେଳେ ମିହିର ମିଶ୍ର ବାବୁ ଏକକ ବକ୍ତା ଏବଂ ନିରୋଦ ପାଢୀ ବାବୁ ଶ୍ରୋତା ସାଜିଛନ୍ତି । ଯେତେ ଥର ବିରକ୍ତ ହୋଇ ନିରୋଦ ପାଢୀବାବୁ ମିଶ୍ର ବାବୁଙ୍କୁ ଆଡେଇ ଦେଇ ଖସି ଯିବାକୁ ଚ଼ାହିଁଛନ୍ତି ସେତେଥର ମିଶ୍ର ବାବୁଙ୍କ ହାବୁଡରେ ପଡି ତାଙ୍କର ସେଇ ପୁରୁଣା ଭାଷଣ ଶୁଣିବାକୁ ପଡିଛି। ଛୋଟ ବଗିଚ଼ାଟିଏ ତ ! ସମସ୍ତଙ୍କ ଆତଯାତ ସେଇଠି । ତା'ଛଡା ମିଶ୍ର ବାବୁଙ୍କର ବଡାଣିଆ ପଣ ଦେଖି କେହି ତାଙ୍କର ପାଖ ପଶନ୍ତି ନାହିଁ, ବନ୍ଧୁତା କରିବା ତ ଦୂରର କଥା । ଅନେକ ଦିନ ସେମିତି ବିତିଯାଇଥିଲା।

ଦିନଃ ମିଶ୍ର ବାବୁଙ୍କର ଏକତରଫା ବକ୍ତବ୍ୟ ଶୁଣି ଶୁଣି ପାଢୀ ବାବୁଙ୍କର ଧୈର୍ଯ୍ୟଚ୍ୟୁତି ହେଲା ବେଳକୁ ହଠାତ୍ ମିଶ୍ର ବାବୁ ସାମନା ବେନ୍‌ଚ଼ ରେ ବସି ଗପସପ କରୁଥିବା ତାଙ୍କରି ବୟସର ଚ଼ାରିଜଣ ଲୋକଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ପଚ଼ାରିଲେ " ଏମାନେ କି ଚ଼ାକିରୀ ବାକିରୀ କରୁଥିଲେ ନା' ବ୍ୟବସାୟ ? ହାଇ ସୋସାଇଟି ରେ ରହିଥିଲା ଭଳି ଜଣା ପଡୁନାହାଁନ୍ତି ତ ! ହଁ, କୋଉ ଅଫିସ୍ ରେ କିରାଣୀ କି ସେମିତି କିଛି ପୋଷ୍ଟ୍ ରେ ଥିବେ। ତାଙ୍କ ପିଲାମାନେ ହୁଏତ କିଛି ଭଲ ଚ଼ାକିରୀ ବାକିରୀ କରି ଏଇ ଫ୍ଲାଟ୍ କିଣିଦେଇଥିବେ ସେମାନଙ୍କ ପାଇଁ । ସେମିତି ଲୋକମାନେ ଖୁବ୍ ଅଳ୍ପକେ ଖୁସି ହୁଅନ୍ତି, ବେଶୀ ଉଚ୍‌ଚ଼ାଭିଳାଷ ନଥାଏ ସେମାନଙ୍କର ..

ମିଶ୍ର ବାବୁଙ୍କର ଏମିତି କଥା ଶୁଣି ଆଜି ତାଙ୍କୁ ଭଲକରି ପଦେ ଉତ୍ତର ଦେବାକୁ ଯାଇ ପାଢୀ ବାବୁ ହସି ହସି କହିଲେ.....

-- " ବୁଝିଲେ ମିଶ୍ର ବାବୁ ! ସେମାନେ ହେଲେ ଫିଉଜ୍ ବଲବ୍। ଖାଲି ସେମାନେ କାହିଁକି ଏ ବୟସରେ ଅବସର ନେବା ପରେ ଆମେ ସମସ୍ତେ ଗୋଟିଏ ଗୋଟିଏ ଫିଉଜ୍ ବଲବ ସଦୃଶ "।

--ମାନେ ..? ଚ଼ିହିଁକି ଉଠିଲେ ମିଶ୍ର ବାବୁ ।

-- ମାନେ ଆଉ କ'ଣ ? ଯେମିତି ଫିଉଜ୍ ବଲବ୍ ମାନେ ସେମାନଙ୍କ ଜୀବିତ ଅବସ୍ଥା ରେ ଆକାର, ପ୍ରକାର, ରଙ୍ଗ ଏବଂ ପାୱାର୍ ରେ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ପାୱାର ସରିଯିବା ପରେ କେବଳ ଫିଉଜ୍ ବଲବ୍ ଭାବରେ ପରିଗଣିତ ହୋଇଥାଆନ୍ତି ସେମିତି ମଣିଷ ମଧ୍ୟ ତା'ର ଚ଼ାକିରୀ ବାକିରୀ, ପଦପଦବୀ, ରୁ ଅବସର ନେବା ପରେ ପରେ ସେ କେବଳ ଜଣେ ମଣିଷ ହୋଇ ରହିଥାଏ। ସେତେବେଳେ ତା'ର ପଦପଦବୀ କିମ୍ବା ଐଶ୍ୱର୍ଯ୍ୟ ର କିଛି ଭିନ୍ନ ମହତ୍ତ୍ୱ ନଥାଏ । ଧରନ୍ତୁ ସବୁ ଗୁଡିକ ଫିଉଜ୍ ବଲବ୍ ଥିବେ ଗୋଟିଏ କାଗଜବାକ୍ସ ଭିତରେ ସେଥିରୁ କ'ଣ ଫରକ ପଡିବ ? ସିଏ ଜିରୋ ୱାଟ୍ ର ହେଉ କି ଦଶ ୱାଟ୍ ର , କୋଡିଏ ୱାଟ୍ ର ହେଉ କି ପଚ଼ାଶ ୱାଟ୍ ର ଅବା ଶହେ ୱାଟ୍ ର ଥିଲା ତା' ଜୀବନକାଳରେ ! ଅଥବା ସିଏ ଫ୍‌ଲୋରୋସେଣ୍ଟ୍ ହେଉ କି ଏଲ୍ ଇ ଡି , ସି ଏଫ୍ ଏଲ୍ କି ହାଲୋଜେନ୍ କି ଡେକୋରେଟିଭ୍ ବଲବ୍ ଟିଏ ଥିଲା ଅତୀତରେ ।ସେ ଯାହା ବି ହୋଇଥାଉ ତା'ର ପାୱାର ସରିଯିବା ପରେ ସେ କେବଳ ଗୋଟିଏ ଫିଉଜ୍ ବଲବ୍ ଆଉ କିଛି ନୁହେଁ । ତେଣୁ ଚ଼ାକିରୀ କାଳରେ ଆମେ ଭୋଗିଥିବା ପଦପଦବୀ, ମାନ ମର୍ଯ୍ୟାଦା, ସୁଖ ସୌଭାଗ୍ୟ କୁ ମନରେ ଧରି ରଖିବା ଠିକ୍ କଥା ନୁହେଁ । ଧନ,ମାନ,ଯଶ କେହି ଚ଼ିରସ୍ଥାୟୀ ନୁହଁନ୍ତି। କେବଳ ମଣିଷପଣିଆ ହିଁ ସାର। ଆପଣ ତ' ଅଳ୍ପ କିଛି ଦିନ ହେଲା ଏଠାକୁ ଆସିଛନ୍ତି, ଏଠାରେ କାହାକୁ ଚ଼ିହ୍ନି ନାହାଁନ୍ତି କି କାହା ବିଷୟରେ ଜାଣି ନାହାଁନ୍ତି , ମୁଁ ଏଠାରେ ଦୀର୍ଘ ପାନ୍‌ଚ଼ ବର୍ଷ ହେଲା ରହୁଛି , ପ୍ରାୟ ସମସ୍ତଙ୍କୁ ଅଳ୍ପ ବହୁତେ ଜାଣେ । ଏବେ ମୋ' ଠାରୁ ଶୁଣନ୍ତୁ ସେମାନଙ୍କ ବିଷୟରେ ...

ସେଇ ଯେଉଁ ବୃଦ୍ଧ ଜଣକ ପୁରା କୋଣ କୁ ଚୁପ୍ ହୋଇ ବସିଛନ୍ତି ସେ ହେଉଛନ୍ତି ପ୍ରଖ୍ୟାତ ବୈଜ୍ଞାନିକ ଶ୍ରୀଯୁକ୍ତ ଦେବଦତ୍ତ କର, ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର୍ ରୁ ଅବସର ନେଇଛନ୍ତି, ତାଙ୍କ ପାଖକୁ ବସିଛନ୍ତି ଶ୍ରୀଯୁକ୍ତ ହରିହର ପଣ୍ଡା, ସେ ଭାରତୀୟ ସେନାବାହିନୀର ଲେଫ୍ଟନାଣ୍ଟ୍ ଜେନେରାଲ୍ ପଦବୀ ରୁ ଅବସର ଗ୍ରହଣ କରିଛନ୍ତି, ତାଙ୍କ ପାଖକୁ ବସିଛନ୍ତି ଶ୍ରୀଯୁକ୍ତ ପବିତ୍ରମୋହନ ମହାପାତ୍ର, ସେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ର ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରୁ ଅବସରପ୍ରାପ୍ତ ହୋଇଛନ୍ତି ହେଲେ ଏଠାରେ ଦିନେହେଲେ ସେମାନଙ୍କ ପୁରୁଣା ଦିନର ପରିଚ଼ୟ ବିଷୟରେ କେହି କିଛି ବି କୁହନ୍ତି ନାହିଁ । ଖୁବ୍ ସୁନ୍ଦର ଭାବରେ ବର୍ତ୍ତମାନ ସମୟର ଦୁଃଖ ସୁଖ ହୁଅନ୍ତି । ଆଉ ଶେଷରେ ମୋ'କଥା କହିବି ...ଆପଣ ଏଇ କେତେଦିନ ହେବ ମୋ'ସହ ପ୍ରାୟ କଥାବାର୍ତ୍ତା କରୁଛନ୍ତି । ଆପଣ କ'ଣ ଜାଣନ୍ତି ଯେ ମୁଁ ଓଡିଶା ର ଏକ ନିର୍ଦ୍ଦିଷ୍ଟ ନିର୍ବାଚ଼ନ କ୍ଷେତ୍ରରୁ ଦୁଇ ଦୁଇଥର ବିଜୟୀ ହୋଇ ଏମ ପି ହୋଇଥିବା ଜଣେ ଲୋକ ପ୍ରତିନିଧି ବୋଲି ? ନା' ଆପଣ ଜାଣି ନାହାଁନ୍ତି କି ମୁଁ କେବେ ସେ କଥା ଆପଣଙ୍କୁ କହି ନାହିଁ କାରଣ ସେ ସବୁ ଥିଲା ମୋ'ର ଅତୀତ। ବର୍ତ୍ତମାନ ମୁଁ କେବଳ ଅବସରପ୍ରାପ୍ତ ବୟସ୍କ ମଣିଷ ଟିଏ, ତା' ଛଡା ଆଉ କିଛି ନୁହେଁ ।...ଉଦୟ ସୂର୍ଯ୍ୟ କୁ ସମସ୍ତେ ପ୍ରଣାମ କରନ୍ତି କିନ୍ତୁ ଅସ୍ତଗାମୀ ସୂର୍ଯ୍ୟ କୁ ନୁହେଁ । ଅତୀତକୁ ଜାବୁଡି ଧରି ବସିଲେ ବର୍ତ୍ତମାନ ସମୟ ଟି ନଷ୍ଟ ହେବା ସୁନିଶ୍ଚିତ । ଯେତେଶିଘ୍ର ଆପଣ ଏଇ ଫିଉଜ୍ ବଲବ୍ ଥିଓରୀ କୁ ବୁଝିଥିଲେ ସେତିକି ସହଜ ହେବ ଆପଣଙ୍କ ଜୀବନଧାରା । ଏବେ ମୁଁ ଆସୁଛି ବନ୍ଧୁ .. ବାୟ... କହି ସେଠାରୁ ଆଗକୁ ପାଦ ବଢାଇଲେ ନୀରୋଦ ପାଢୀ ବାବୁ ।

ମିହିର ମିଶ୍ର ହାଁ ..କରି ଚ଼ାହିଁ ସ୍ଥାଣୁ ଭଳି ଛିଡା ହୋଇ ରହିଥିଲେ ସେଇଠି.. .. ବୋଧହୁଏ କିଛି ବୁଝିବାକୁ ଚେଷ୍ଟା କରୁଥିଲେ।

ଶାରଳା ଭବନ ପୋତାପୋଖରୀ
ନୂଆବଜାର
ମୋ: ୯୩୩୭୨୭୨୬୪୭

## ଦାମ୍ପତ୍ୟ

*ସୁରଞ୍ଜନ ପାତ୍ର*



ଏତେ ସହଜ ନୁହେଁ
ବାଲି ମାଟିକୁ ଚ଼କଟି
ହାଣ୍ଡି ଗଢ଼ିବା
ଗୋଟିଏ ଡାଳରେ ବସା ବାନ୍ଧି ପୁଣି
ଶୁଆଶାରୀ ପରସ୍ପର
ସୁଖ ମନାସିବା ।

ଲକ୍ଷେ ବର୍ଷା ଋତୁ ଆସିବା ବଡ଼କଥା
ନୁହେଁ
ସେଇ ବର୍ଷା ବିନ୍ଦୁଟିଏ ଯୁଗେ ଯୁଗେ
ଲୋଡ଼ା
ଶାମୁକା ଗର୍ଭ ? ଯିଏ
ସଂଚ଼ାରି ପାରେ ମୁକ୍ତା
ସେଇ ହୋମ ନିଆଁ ଲୋଡ଼ା
ଯାହା ଧୂଆଁ
ଅଣନିଃଶ୍ୱାସୀ ନୁହେଁ
ଜିଇଁବାର ବ୍ରହ୍ମକୁଣ୍ଡଳୀ ଦେଖାଏ।

ଖାଲି ହଳେ ଆଖି ମିଶିଗଲେ
ଭିଜେଇ ଦିଏନା ଶ୍ରାବଣ
ଛମଛମ ବାଜିଲେ ଘୁଙ୍ଗୁର
ଭାଙ୍ଗିଯାଏ ନା ରାତ୍ରିର ନିଦ ।

ଭୋଗ ଆଉ ଭୋକରେ ନଥାଏ
ଦାମ୍ପତ୍ୟର ଭାଗ୍ୟ
ଦାମ୍ପତ୍ୟ ଯେ ଚ଼ିରକାଳ ଦୁଦୁରା ଗଛ
ମୂଳେ
ଈଶ୍ୱରଙ୍କୁ ସମର୍ପିତ ଗୋଟେ
ସୋମବାର
ମହମହ ବାସ ଚ଼ନ୍ଦନେ ଭରା
ପୁଣ୍ୟ ଦେବାଳୟ
ଏକ ଅଲୌକିକ ସଂପର୍କର
ପୂର୍ଣ୍ଣାଙ୍ଗ ସକାଳ ।

ଦେହ କି ଦହନରେ
ପାଉଁଶ ହୁଏନି
ଦାମ୍ପତ୍ୟର ସତ୍ତା ।

କେତେବେଳେ ସତୀ ଅନସୂୟା
ସିନ୍ଥିରେ
ସୂର୍ଯ୍ୟ ହୋଇ ସେ ଜଳେ ତ
ପୁଣି କେତବେଳେ
ସତୀ ସାବିତ୍ରୀ କରକଙ୍କଣେ
ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ ଉଚ୍ଚ଼ାରେ।

ଦାମ୍ପତ୍ୟ ପଣ ନିଭାଇବା
କମ୍ କଥା କି ?

ଦାମ୍ପତ୍ୟକୁ ସଜାଇ ପାରିଲେ
ଦାରୁଦିଅଁଙ୍କ ନାଲି ଅଧର ପରି
ହସୁଥିବ ତମାମ ଜୀବନ
ହାଡ଼ର ପଲସ୍ତରା ଉପରେ
ଫୁଟୁଥିବ ପାରିଜାତ
ଚ଼ାରି ଆଖି ଦୁଇ ମନ
ଏକ ସ୍ୱରେ ଗାଉଥିବେ
ଜହ୍ନରାତି ଗୀତ ।

ସଂପାଦକ,
ନୀହାରକନ୍ୟା ସାହିତ୍ୟ ସଂସଦ,
ନୂଆଗାଁ,ଶିଙ୍ଗାଖୁଣ୍ଟା,ସୋର,
ବାଲେଶ୍ୱର-୪୫
ମୋ -୮୧୧୭୮୦୫୯୫୯

## ନିଜ ପାଇଁ କବିତା

*ନିରଞ୍ଜନ ସାହୁ*

ସମସ୍ତଙ୍କ ପାଇଁ କବିତା ଲେଖିଛି
ନିଜ ପାଇଁ ଲେଖିନାହିଁ
ନିଜ ପାଇଁ କେବେ କବିତା ଲେଖିବି
ସେଦିନକୁ ଅଛି ଚ଼ାହିଁ ।

କେଉଁଠୁ ଆରମ୍ଭ କରିବି ଭାବେ ମୁଁ
କେଉଁଠି କରିବି ଶେଷ
କେତେ ସତ କଥା ଲେଖିବି ସତରେ
ମିଛ ନାହିଁ ମାତ୍ର ଲେଶ
ଆତ୍ମଗୋପନ ମୁଁ କରିବିନି କେବେ
ପ୍ରଶ୍ନ ବା ଉଠିବ କାହିଁ ?

ସତରେ ସତରେ ସତସତିକା କି
ଲେଖିଦେବି ନିଜ କଥା
ଏ ଭାବନା ମନେ ଆସିବା ବେଳକୁ
ଘୁରାଇ ଦେଉଛି ମଥା
ମିଛୁଆ ହୋଇ ମୁଁ ସତିଆ ସାଜିଛି
କେବଳ ବଞ୍ଚିବା ପାଇଁ ।

*ନିହଲପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ - ୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ସ୍ୱର୍ଗ ଦ୍ୱାର

*ମୀନା ବେହେରା*

ଜୀବନ ଯୌବନ ପ୍ରୀତିର ବନ୍ଧନ
ଏ ପରା ଅଢେଇ ଦିନ,
ଜନମ ମରଣ ଏଇ ଦୁଇ ସତ୍ୟ
ଆଉ ସବୁ ମିଛ ଜାଣ।

ସ୍ୱର୍ଗ ଦ୍ୱାର ମାଗେ ପାପୀ ତୋପୀ ଯେତେ
ଯିବାକୁ ବୈକୁଣ୍ଠ ପୁର,
କର୍ମ ଅନୁଯାୟୀ ଫଳ ମିଳେ ଏଠି
ପାପୀ ପାଇଁ ନର୍କ ଦ୍ୱାର।

ସ୍ୱର୍ଗ ଦ୍ୱାରେ ଗୋଟେ ତୋଳିବି ଉଆସ
ଦେଇ ଅଙ୍ଗାର ପାଉଁଶ,
ଦିନେ ମୁଁ ରହିବି ସେଇ ଉଆସରେ
ଛାଡିଲେ ଶେଷ ନିଶ୍ୱାସ।

ଡାହାଣ ହାତର ପାପର ଫଳକୁ
ବାମ ହାତ ଭୋଗେ ନାହିଁ,
ଧର୍ମ ଅଧର୍ମର ପରିମାଣ କେତେ
ଜାଣଇ ଜଳିଲେ ଜୁଇ।

ସ୍ୱର୍ଗ ଦ୍ୱାର ଶେଷ ଠିକଣା ହୋଇବ
ରଖିଛି ଏଇ ବିଶ୍ୱାସ,
ଜୁଇ ଚ଼ିତା ମୋର ବିଛଣା ହୋଇବ
ଯେବେ ଛାଡ଼ିବି ନିଶ୍ୱାସ।

ମଣିଷର ପାପ ଧୋଇବାକୁ ହେଲେ
ଗଙ୍ଗା ଏହି ସ୍ୱର୍ଗ ଦ୍ୱାର,
ଏହି ସ୍ଥାନେ ଚ଼ିତା ଜଳିଲେ ମିଳଇ
ମୋକ୍ଷ ପ୍ରାପ୍ତି ଜୀବନର।

ଜୀବ ଚ଼ାଲିଗଲେ ଯିବି ସ୍ୱର୍ଗ ଦ୍ୱାର
ଜଗା ଦେବୁ ମୋତେ କାନ୍ଧ,
ଶୋଇନାହିଁ କେତେ ଦିନରୁ ନିଦରେ
ଶୋଇବି ଅନ୍ତିମ ନିଦ।

*ଏ/୧୨୬,ସେକ୍ଟର-୦୬*
*ରାଉରକେଲା/*
*ସୁନ୍ଦରଗଡ*

## ପଡିଛି ମୁଁ ବଡ଼ ଚିନ୍ତାରେ

*ଲୋପାମୁଦ୍ରା ଜେନା*



ଶୀତରେ ତୁ ଗା' ନାହିଁ ଆଉ ଗୀତରେ
ରଖିଛି କବିତା ସୁନ୍ଦରୀ,
ରାତି କାଟୁନାହିଁ ତାହାରି ସାଥିରେ
ମୁହଁ ଫୁଲାଏ ସେ ଅପ୍ସରୀ ॥

ସଞ୍ଜ ହେଉହେଉ ମୁରୁକି ହସରେ
କମଳଟା ମନ ଟାଣୁଛି ,
ଥରେତାକୁ ଦେହେ ଜଡାଇ ଧରିଲେ
ପରୀ ରାଇଜେ ବୁଲାଉଛି ॥

ଅଭିମାନିନୀ ସେ କବିତା ସୁନ୍ଦରୀ
କେଉଁ ସହରରେ ଲୁଚ଼ିଛି ,
ଶବ୍ଦ ଖେଳୁଛନ୍ତି ଲୁଚ଼କାଳି ଖେଳ
ଭାବନା ମୋ କେଉଁଣେ ହଜିଛି ॥

ଲାଜର ଓଢଣୀ ଟାଣିଛି ଗୋଲାପ
କୁହୁଡି ପାଣିରେ ଗାଧୋଇ ,
ବିନ୍ଦୁ ବିନ୍ଦୁ ହୋଇ ଲାଗିଛି କାକର
ହେଉଛି ସେ ଭାରି ଫୁଲେଇ ॥

ଆଖି ବୁଜିଦେଲେ ତୁମେ ଛୁଇଁ ଯାଅ
ସପନରେ ଆସି ଗୋପନେ,
ଶୀତ ଗାଉଅଛି ତା' ମହୁଆ ସୁରେ
ସ୍ମୃତି ଝରିପଡେ ବିଜନେ ॥

ଓଠ ଡାକୁଅଛି କଫି କଅପକୁ
ମନଟା ଝୁରୁଛି ତୁମକୁ ,
କଅଁଳ ଖରାରେ ସ୍ମୃତି ପଖାଳୁଛି
ଭାବନାରେ ଆସ ପାଖକୁ ॥

ଝରିପଡେ ହସ ଓଠ ପାଖୁଡାରୁ
ସ୍ମୃତିର ମୁକୁତା ସାଉଁଟି,
ନୀରବତା ପୁଣି କୁହେ କେତେ କଥା
ଯାହା ନ ଶୁଣିଛି କେଉଁଠି ॥

ଉଷୁମ ପରଶ ଦେଉଛି କମ୍ବଳ
ସପନ ଦୋଳିରେ ଝୁଲେଇ ,
ଶୀତ ଗାଉଅଛି ମିଠା ମିଠା ଗୀତ
ବହଳ କୁହୁଡି ଆଡେଇ ॥

ମନ ଉଡୁଥାଏ ଲବଙ୍ଗ ଦ୍ୱୀପରେ
ଦେହଟି କମ୍ବଳ ଭିତରେ ,
ଭାରି ଅଭିମାନ କରିଛି କବିତା
ପଡିଛି ମୁଁ ବଡ ଚ଼ିନ୍ତାରେ ॥

ବାଲାଜି କମ୍ପ୍ଲେକ୍ସ ,
ଭୁବନେଶ୍ୱର : ୭୫୧୦୦୬

## ଗୋଲାପି ଥଣ୍ଡାର ନିଶା

*କୃଷ୍ଣା ମିଶ୍ର*



ଗୋଲାପି ଥଣ୍ଡାର ନିଶା !
ଗଗନୁ ଝରୁଛି ଦୁଧିଆ ଜୋଛନା,
ଲେପୁଛି ଉଷୁମ ଆବେଗ !!!
ଅଳସୀ ଚ଼ାହାଣି,
ମୁଦିତ ନୟନ ,
କଜ୍ଜଳ ଦେଉଛି ଯନ୍ତ୍ରଣା.....
ରଙ୍ଗୀନ, ନିଆରା ଏଇ ଅନୁଭବ,
ଥରାଉଛି ହୃଦ,
ମୃଦୁ ସେ କମ୍ପନ,
ଗୋଲାପି ଥଣ୍ଡାର ପାଦ ଶବ୍ଦ !
ଶିହରିତ ମନ ଅଗଣା....
ଭିଜା ଭିଜା ପବନ,
ମୁକୁଳା ବିନ୍ଦାସ ଆକାଶ,
ଓଃ !
ଗୁଣୁଗୁଣୁ ଶୀତର ସଙ୍ଗୀତ....
ଧୂଆଁ ଧୂଆଁ କୁହୁଡ଼ି ର ଜାଲ,
ସକାଳର କୁଆସ ଦେଇ,
ଉଙ୍କି ମାରୁଛି, ଗୋଲାପର ନାଲି
ପାଖୁଡ଼ା...
ରୂପେଲି ଶିଶିର ଛାଇଛି ,
ସବୁଜ ଘାସର ଗାଲିଚ଼ା !
ବିଛାଡି ପଡ଼ିଛି ଶେଫାଳୀ,
ମହକି ଯାଉଛି ବାସ୍ନା !!!
ରଜନୀ ବକ୍ଷରେ ଝଡ଼ିଛି,
ସ୍ମୃତିର ଶୁଖିଲା ପତ୍ର...
ଫୁଟିଛି, ଆଶାର ଅଙ୍କୁର,
ନିଷ୍ପ୍ରଭ ହୋଇଛି ଇନ୍ଦୁ !
ଝିଲ୍ ମିଲ୍ ଜଳ କାଚ଼ କେନ୍ଦୁ,
ଉଷାର କୋମଳ କିରଣ,
ପରଶେ ମୁଁ ଆତ୍ମ ବିଭୋର !!!!

## ମାୟା

*ହୀରକ ମିଶ୍ର*



ରଜନୀ ର ଏଇ ଘନ କବରୀରେ
କିଏସେ ଦେଇଛି ଗଜରା ଗୁନ୍ଥି
ମଲ୍ଲି ,ମାଲତୀ ର ମଧୁର ସୁବାସ
ଚ଼ହଟି ଯାଉଛି ଯୋଜନ ଯୋଜନ
ଅଭିସାର ଲାଗି ସଜେଇ ହେଇଛି ,
ମୋ ତନ୍ଦ୍ରା ପ୍ରେୟସୀ ସେ
ଢାଙ୍କିଛି ଦେହରେ
ବଢିଲା ରାତିର କୁଆଁରୀ ଯୌବନ !
ଲାଜେଇ ଲାଜେଇ ଦିଏ ସେ ହସି !

ବିନିଦ୍ର ରଜନୀ ବିରହ ସହି
ତୁମେ କ୍ଷଣ ତିଳେ କାଟନି ସଖୀ !
ଯାଅ ଗୋ ଏବେ ସଅଳ ନିଦ୍ରାରେ
ଭେଟିବି ଆସି ସପନେ ସେଠି
ପାର ଯଦି ତୁମେ
କାଳକାଳ ଲାଗି ନିଅ ଗୋ ରଖି !

ବାହୁବନ୍ଧନରେ ଜଡାଇ ରଖିବ
ଉଷ୍ମ - ନିବିଡେ !
ନ ସରୁ ଯେମିତି ମଦିରା ରାତି !
ନିହାରିକା ମେଳେ ଦେଖୁଥାଉ ଲୁଚ଼ି
ଚନ୍ଦ୍ରକଳା ପଛେ ଗଗନ ଢାଙ୍କି ।

କୋଟି ପ୍ରେମିକ ର
ରୋଷଣୀ ଯେଉଁଠି ବିଫଳ ହେଇଚ଼ି
ସିଏ କି ଦେବ ହେ ସହଜେ ଧରା !
କାହୁଁ ବା ଲୋଡ଼ିବି ପାଷାଣି ହୃଦୟ !
ଶିଳାର ସୈକତ ଯହିଁ ମଳିନ ପରା

ତୁମରି ସରାଗେ ବିଛେଇ ହେଇଛି
ଶୁଭ୍ର ଅଭ୍ର ପରି
ପ୍ରିତିର ଯୋଛନା ହୃଦୟସାରା
ଦେଖ ହେ ଦିଶୁଛି
ପ୍ରତିବିମ୍ବ ତୁମ ମୁଖ ମଣ୍ଡଳେ ମୋ
ବିମୋହିତ କରେ
କେତେଯେ ପୁଲକ ଅନ୍ତରସାରା

ନୁହେଁ ପ୍ରିୟ ମୋର ତୁମ ବିନା କେହି
ଚ଼ିବୁକେ ଚୁମ୍ବନ ଦେବି ମୁଁ ଆଙ୍କି
ପରାଣ ମୋର ରହିଲା ତୁମଠେ
କରିବନି ପର ,
ଆସୁଥିବି ସଦା ଶେଷ ଦେଖାଯାଏ
ତୁମ ଲାଗି ସଖୀ ତୁମକୁ ଦେଖି ।

## ଦାଦନର ଦୁଃଖ

*ସଂଘମିତ୍ରା ପଣ୍ଡା*



ବଉ ତୁ କେମିତି ଅଛୁଲୋ,ମୁଁ ଜାଣିଛି
ଏ ଜାଡ ଦିନରେ ଛିଣ୍ଡା କନ୍ଥା ଭିତରେ
ଦେହ ଧରି ଯାଉଥିବା ସମୟରେ
ତୋ ଭାଗ୍ୟକୁ ନିନ୍ଦି କେତେ
କଣ ଭାବୁଥିବୁ

ଏ ବଉ ଟିଭି କଣ କହୁଥିଲା
ପୁଣି ବାତ୍ୟା ଆସୁଛି
ବାପାଙ୍କୁ କହିବୁ, ଧାନ
ସବୁ କ୍ଷେତରୁ ଆଣି
ଖଳାରେ ସାଇତି ଦେବେ

ଘଷି ସବୁ ଆଣି ପଲାରେ ରଖିଦବୁ
ନହେଲେ ବରଷ ଯାକ ଜାଳ ପାଇଁ
ଇଆ ଘର ତା ଘର ତତେ
ହବାକୁ ପଡ଼ିବ

ମନେ କରି ସନିଆ ଭାଇକୁ ଡାକି
ଘର ମଥାନରେ ଭଲ କରି ପାଲ
ଘୋଡେଇ ଦେବୁ
ନହେଲେ ବାତ୍ୟାରେ ଘର
ସାରା ପାଣି ପଶିଯିବ
ବିଚ଼ରା ତୁ ରାତି ଅନିଦ୍ରା ହୋଇ କେତେ
ପାଣି ବୋହିବୁ କହିଲୁ

ବାତ୍ୟାରେ ନିଆଁ ଲଗା ଚୂଲିରେ
ତ ପାଣି ପଶିଯିବ
ରିଲିଫ ପହଞ୍ଚିଲା ବେଳକୁ
ବାପା ଆଉ ତୁ
ଭୋକରେ ଥିବ... ନା ନା ତୁ ମନେ
କରି କହିବୁ ବାପାଙ୍କୁ
ଚୂଡ଼ା, ଗୁଡ଼ ଆଉ ମହମବତୀ ଆଣି
ମହଜୁଦ ରଖିଥିବେ

ବଉଲୋ ତତେ ମୋ ରାଣ
ନିଜ କପାଳ ପୋଡା ଭାବି
ଜମା କାନ୍ଦିବୁନି
ତୋ ପିଲା ଦାଦନ ଘଟୁଛନ୍ତି ବୋଲି କହି
ଦିଅଁଙ୍କୁ ଅପୂଜା ରଖିବୁନି

ପଣାକୁ ମୁଁ ଘରକୁ ଫେରିଲେ
ତୋ ପାଇଁ ବାପା ପାଇଁ କେତେ କଣ
ନେଇ ଫେରିବି
ସାଙ୍ଗରେ କିଛି ସାଇତା ପଇସା
ଆଉ ତୋତେ ଖୁସିରେ
ରଖିବାକୁ କିଛି ସ୍ୱପ୍ନ
ସବୁ ସତ ହେବଲୋ ବଉ
ତୁ ଖାଲି ଇଶ୍ୱରଙ୍କୁ ପ୍ରାର୍ଥନା କରେ...

ranisanghamitra217@gmail.com


## ଜୀବନ ରୀତି

*ଅନସୂୟା ପଣ୍ଡା*



ଜୀବନ କାହିଁ ଯେ ଜାବୁଡି
ଧରିବି ସ୍ୱପ୍ନମାନଙ୍କୁ
ଆଶାମାନେ ହାତରୁ
କହୁଣୀକୁ ଗଡିଗଲେଣି
ଅନେକ ବେଳୁ ସୂର୍ଯ୍ୟ ଅଧା
ଆକାଶରେ
ସମୟ ଆଉ ଦୁଇ ଘଡି
ସନ୍ଧ୍ୟା ନଇଁବାକୁ।
ଠାଇ ଠାଇ ଖରାଟାରେ
ଝଡ ପରର ନୀରବତା
ଥୁଣ୍ଟାଗଛ ଆହୁରି ଝାଉଁଳି ଗଲାଣି
କ୍ଲାନ୍ତ ବୟସରେ
କଅଁଳିଥିବା ନୂଆପତ୍ର ଶୁଖିଯାଇଛି
ପାଣିର ଅଭାବରେ
ପ୍ରଳୟ ପରର ହା ହା କାରରେ।
କ୍ଷୁବ୍ଧ ମନରେ ଇଚ୍ଛା ଆଉ ନାହିଁ
ନୂଆ କରି ତିଆରିବା ପାଇଁ ଅନ୍ୟ
ଏକ ଯନ୍ତ୍ରଣା ନଅର
ଜାଣିଛି ଏଇଟା ଉପକୂଳ
ଜୀବନ ଅମ୍ବୁଧିର
ଅନିବାର ତରଙ୍ଗ ଆସିବ ଭସେଇ
ନେବ ଆଶାର ମିନାର୍।

**ଇଞ୍ଜିନିୟରିଂ କଲେଜ, ବୁର୍ଲା,**
**ସମ୍ବଲପୁର,**
**ଓଡିଶା, ୭୬୮୦୧୮,**
**ମୋ-୯୪୩୯୨୧୧୯୭୧**




# କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମି ପଦଯାତ୍ରା



କୋଣାର୍କ (ପିଏନ୍)- କୋଣାର୍କ ଉତ୍ସବ-୨୦୨୧ ଅବସରରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀ ନୃତ୍ୟ ସଙ୍ଗୀତର ସହାକୂମ୍ଭ ଓ ଚନ୍ଦ୍ରଭାଗାର ବେଳାଭୂମିରେ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୧ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେଉଛି । ଏହି ଅବସରରେ ଡିସେମ୍ବର ୩ତାରିଖ ପ୍ରତ୍ୟୁଷରେ ପର୍ଯ୍ୟଟନ ବିଭାଗ ସହାୟତାରେ ଚଳିତ ବର୍ଷ ପଞ୍ଚମ ଥର ପାଇଁ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ କୋଣାର୍କ ଉତ୍ସବର ଶ୍ରୀବୃଦ୍ଧି କରିବା ଏବଂ ଉତ୍ସବକୁ ଉପଭୋଗ କରିବା ପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରିବାର ଲକ୍ଷ୍ୟନେଇ 'ପଲିଥିନ ମୁକ୍ତ କୋଣାର୍କ, ସ୍ୱଚ୍ଛ କୋଣାର୍କ ଓ ସୁସ୍ଥ କୋଣାର୍କ' ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଗତ ୩ ତାରିଖ ସକାଳ ୮ଟାରେ ଆୟୋଜିତ ହୋଇଯାଇଛି ବେଳାଭୂମି ପଦଯାତ୍ରା । ଏହି କାର୍ଯ୍ୟକ୍ରମରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, କୋଣାର୍କ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଆୟୁସ ଡାକ୍ତର ବିଦୁଭୂଷଣ ନାୟକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନୀପତି, ରାଜ୍ୟ ୱେବ ମିଡିଆ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ସତ୍ୟଖବରର ସମ୍ପାଦକ ଅକ୍ଷୟ କୁମାର ନାୟକ, ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ସବୁଜ ପତାକା ଦେଖାଇ ବେଳାଭୂମି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ବେଳାଭୂମି ପଦଯାତ୍ରାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସମାଜସେବୀ କୋଣାର୍କ-ପୁରୀ ବେଳାମାର୍ଗ ସ୍ଥିତ ଇକୋ-ରିଟ୍ରିଟ୍ ସ୍ଥଳରୁ ବାହାରି ବିଭିନ୍ନ ଶ୍ଲୋଗାନମାନ ଦେବା ସହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ସଚେତନ କରାଇ ଚନ୍ଦ୍ରଭାଗା ପୀଠରେ ପହଞ୍ଚି ଥିଲେ । ଏଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇ ପଲିଥିନ ମୁକ୍ତ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଉପସ୍ଥିତ ଅତିଥିମାନେ ମତପୋଷଣ କରିଥିଲେ । ବେଳାଭୂମି ପଦଯାତ୍ରାରେ ସାମିଲି ହୋଇଥିବା ସମସ୍ତ ପଦଯାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ମାହାମାରୀ କରୋନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡି-୧୯ର ସମସ୍ତ ନିୟମକୁ ଅନୁପାଳନ କରି ଏହି ବେଳାଭୂମି ପଦଯାତ୍ରାରେ ସ୍କୁଲ କଲେଜ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ପରିବେଶବିତଙ୍କ ସମେତ ପଦଯାତ୍ରାରେ ରୁଚି ରଖୁଥିବା ୫୦ଜଣ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ କୋଣାର୍କ ସାମ୍ବାଦିକ ସଂଘର ସଭାପତି ଜ୍ୟୋତିରାଜ ମହାନ୍ତି, ଉପସଭାପତି ଭାଗୀରଥି ସ୍ୱାଇଁ, ସମ୍ପାଦକ ମନୋରଞ୍ଜନ ପଣ୍ଡା, କୋଷାଧକ୍ଷ ଅଜିତ କୁମାର ମଲ୍ଲିକ, ଉପଦେଷ୍ଟା ରାଜେଶ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ସୁକାନ୍ତ ବିଶ୍ୱାଳ, ପ୍ରତାପ କୁମାର କାଣ୍ଡି, ପ୍ରଦୀପ ଛାଟୋଇ, ପ୍ରମୋଦ ଗୋଛାୟତ, ଗଣେଶ ବେହେରାଙ୍କ ସମେତ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସାମୁଦ୍ରିକ ଝଡ ଜେୱାଦ ପାଇଁ କୋଣାର୍କ ଉତ୍ସବ ବାତିଲ

କୋଣାର୍କ (ପିଏନ୍)- ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ସହାକୂମ୍ଭ ଓ ଚନ୍ଦ୍ରଭାଗାର ବେଳାଭୂମିରେ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷର କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ୧ ଓ ୨ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରକ ଝଡ ଜେୱାଦ ପାଇଁ ୩ରୁ ୫ ପାଞ୍ଚତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଯାଇଛି । ଏହି ସାମୁଦ୍ରିକ ଝଡ ପୁରୀ ଜିଲ୍ଲାର ତଟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁବାର ପୂର୍ବାନୁମାନ କରାଯାଇଛି । ଫଳରେ ପବନ ସାଙ୍ଗକୁ ଜୋର ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି ନମ୍ବର ୪୫୬୯ରେ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କ୍ଷୟକ୍ଷତିରୁ ବର୍ତ୍ତିବା ପାଇଁ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ପାଇଁ ହୋଇଥିବା ସାଜସଜା, ଆଲୋକ, ଶବ୍ଦ ଟେ□ ଖୋଲିବା ଆରମ୍ଭ କରିଦେଲେଣି ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସରକାର ଚାଷୀଙ୍କୁ ସଚେତନତାଠାରୁ ଆବଶ୍ୟକ ସହାୟତା ଯୋଗାଇ ଦିଅନ୍ତୁ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ଚାଷୀଙ୍କ ଦୁଃଖ ସରୁନି, ଚାଷୀ ଚିନ୍ତାରେ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସହ ସରକାରଙ୍କ ଘୋଷିତ ସହାୟତା ଯୋଜନା କେବଳ ପ୍ରଚାର ସର୍ବସ୍ୱ ହୋଇଛି। ଅନେକ ସମୟରେ ଚାଷୀ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ଖରିଫରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ୨୫ ପ୍ରତିଶତ ଉତ୍ପାଦନ ହ୍ରାସ ପାଇଥିବା ବେଳେ ପରବର୍ତ୍ତୀ ସମୟରେ ଅତିଶୟ ବର୍ଷା ଏବଂ ଅକ୍ଟୋବର ଓ ନଭେମ୍ବର ମାସର ଅଦିନିଆ ବର୍ଷା ଓ ଚକଡ଼ା ପ୍ରଭୃତି ପୋକ ଯୋଗୁଁ ରାଜ୍ୟର ୨୪ଟି ଜିଲ୍ଲାରେ ୩୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ଏଯାବତ୍ ଉପକୂଳବର୍ତ୍ତୀ ଜିଲ୍ଲାର ପ୍ରାୟ ୮୫ ପ୍ରତିଶତ ଓ ଆଭ୍ୟନ୍ତରିଣ ଜିଲ୍ଲାଗୁଡ଼ିକର ୪୦ ପ୍ରତିଶତ ଧାନ ଅମଳ ହୋଇନାହିଁ। ଫଳରେ ଏହା ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବ। ଶୀତିଦିନିଆ ପନିପରିବା ୫୦ ଭାଗ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ବିଶେଷ କରି ବର୍ତ୍ତମାନ ଆଳୁ ଆଉ ପିଆଜ ଚାଷ ବିଶେଷ ପ୍ରଭାବିତ। ପୂର୍ବାନୁମାନ ଅନୁସାରେ ୩ରୁ ୫ ତାରିଖ ମଧ୍ୟରେ ଅତିଶୟ ବର୍ଷା ହେଲେ ଉଭୟ ଚାଷୀ ଓ ରାଜ୍ୟବାସୀଙ୍କ ଅବସ୍ଥା ଅସମ୍ଭାଳ ହେବ। ସରକାର ଚାଷୀଙ୍କୁ ଏହି ବିପଦରୁ ରକ୍ଷା ପାଇବା ପାଇଁ କେବଳ ଆଗୁଆ ସଚେତନତା ପାଇଁ ସୂଚନା ପ୍ରଦାନ କଲେ ହେବ ନାହିଁ, ବରଂ ଅତ୍ୟାବଶ୍ୟକ କୃଷି ସହାୟତା ଯୋଗାଇ ଦେବା ଏବଂ ଅନୀୟମିତ ଜଳବାୟୁ ଦ୍ୱାରା କୃଷି ଉପରେ ପଡୁଥିବା ପ୍ରଭାବର ମୁକାବିଲା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଏକାନ୍ତ ଜରୁରୀ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ, ଉପାଧ୍ୟକ୍ଷ ସୁବାଷ ରାଉତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଅତିଶୟ ବର୍ଷା ପୂର୍ବରୁ ଚାଷୀଙ୍କୁ ମାଗଣା ପଲିଥିନ୍, ବିଲରେ ଜମିବାକୁ ଥିବା ପାଣିକୁ ନିଷ୍କାସନ କରିବାର ବ୍ୟବସ୍ଥା, କ୍ଲଷ୍ଟର ଭିତ୍ତିରେ ହାର୍ଭେଷ୍ଟର ଜରିଆରେ ଧାନ କାଟିବା ଏବଂ ଏହାର ସୁରକ୍ଷିତ ପାଇଁ ଆର୍ଥିକ ସହାୟତା, ପରବର୍ତ୍ତୀ ସମୟରେ କ୍ଷୟ କ୍ଷତିର ସଠିକ୍ ଆକଳନ କରି ଚାଷୀଙ୍କୁ ବିଭିନ୍ନ ପନିପରିବା ଚାରା ଓ ବିହନ ଯୋଗାଣ, କୃଷି ଋଣ ଛାଡ଼, ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ କୃଷି ଇନପୁଟ୍ ସହାୟତାର ୨ ଗୁଣା ବୃଦ୍ଧି ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୦ ହଜାର ଟଙ୍କା ନତୁବା ଏହି ଚାଷୀ ପରିବାରଙ୍କୁ ୬ ମାସ ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କା ସହାୟତା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଥିବା ସର୍ତ୍ତାବଳୀ ଅନୁଯାୟୀ ଆଗୁଆ କ୍ଷତିପୂରଣ ଦେବାକୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

## କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡମଧୁପୁର ଖେଳପଡିଆରେ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ମ୍ୟାଚରେ ଜେନାପୁର ପଂଚାୟତ ଟିମ ଅଂଟିଆ ପଂଚାୟତ ଟିମକୁ ୬ ଉଇକେଟରେ ପରାସ୍ତ କରିଛି । ଅଂଟିଆ ପଂଚାୟତ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୬୪ ରନ କରିଥିଲା । ଦଳ ପକ୍ଷରୁ ଗଣେଶ୍ୱର ସାହୁ ୩୫ ଓ ମଦନ ଦଳେଇ ୨୪ ରନ କରିଥିଲେ । ବିପକ୍ଷ ଜେନାପୁର ଟିମର ରଂଜିତ ବରାଳ ୨ଟି ଓ ପ୍ରଶାନ୍ତ ପୃଷ୍ଟି ଗୋଟିଏ ଉଇକେଟ ନେଇଥିଲେ । ଏହାର ଜବାବରେ ଜେନାପୁର ଟିମ ବ୍ୟାଟିଂ କରି ୧୦.୫ ଓଭରରେ ୪ ଉଇକେଟ ହରାଇ ୧୬୭ ରନ କରି ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ରଂଜିତ ବରାଳ ୭୨ ଓ ପ୍ରେମାନନ୍ଦ ରାଉତ ୫୦ ରନ କରିଥିଲେ । ବିପକ୍ଷ ଅଂଟିଆ ଟିମ ପକ୍ଷରୁ ଚିନ୍ମୟ ରାଉତ ୨ଟି ଓ ସୁନିଲ ଜେନା ଗୋଟିଏ ଉଇକେଟ ନେଇଥିଲେ । ଆଜିର ମ୍ୟାଚକୁ ଇନତେକାବ

## ପାଚକ-ପାଚିକା ସଂଘର ବୈଠକ



ଧର୍ମଶାଳା (ପିଏନ୍): ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ଓ ପାଚିକା ସଂଘ ପକ୍ଷରୁ ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କଞ୍ଚିଆ ହାଇସ୍କୁଲ ପରିସରରେ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ଜଗନ୍ନାଥ ମୁଦୁଲିଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ସଂପାଦକ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଓ କ୍ଷୀରୋଦ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ ରାଜ୍ୟରେ କାର୍ଯ୍ୟରତ ପାଚକ ପାଚିକାମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଆଲୋକପାତ କରିଥିଲେ । ସଂଘର ଦାବି ସଂପର୍କରେ ରାଜ୍ୟ ବିଜେଡ଼ି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସାଧାରଣ ସଂପାଦକ ସୁବାଷ ସିଂହ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପ୍ରମୁଖ ଅବଗତ ଅଛନ୍ତି । ଏବେ ସରକାର ପାଚକ-ପାଚିକାମାନଙ୍କୁ ମାସିକ ୧୪ଶହ ଟଙ୍କା ପାରିଶ୍ରମିକ ଦେଉଥିବା ବେଳେ ଏଥିରେ ସେମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି । ସରକାର ପାଚକପାଚିକାମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ମାସିକ ୯ହଜାର ଟଙ୍କା ବେତନ ଦେବା ପାଇଁ ଦାବି କରିଥିଲେ । ବ୍ଲକ ପାଚକ-ପାଚିକା ସଂଘ ସଭାନେତ୍ରୀ ଆରତି ବେହେରା, ପାଚିକା ମମତା ସିଂହ ଦେଓ, ଜୟନ୍ତୀ ବଳ, ଲିପିକା ମହାପାତ୍ର, ଝୁଲଣା ଦାସ, ଜ୍ୟୋସ୍ନାରାଣୀ ପରିଡ଼ା, ଅଖଜି ସେଠୀ ଓ କୁସୁମ ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ


ଧର୍ମଶାଳା (ପିଏନ୍): ସମ୍ଭାବ୍ୟ ବାତ୍ୟା 'ଜୱାଦ୍'କୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଥିବା ବେଳେ ଏହାକୁ ମୁକାବିଲା ପାଇଁ ଧର୍ମଶାଳା ବ୍ଲକ ପ୍ରଶାସନ ସଜାଗ ଥିବା ସୂଚନା ଦେଇଛି । ବାତ୍ୟା ପ୍ରଭାବରେ ଯାଜପୁର ଜିଲ୍ଲାରେ ପବନ କମ୍ ଏବଂ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହୁଥିଲେ ହେଁ, ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି । ବିଶେଷ କରି ଚାଷୀମାନେ ସେମାନଙ୍କ ବର୍ଷକର ଉପାର୍ଜନ ପାଚିଲା ଧାନକୁ ସୁରକ୍ଷିତ ରଖିବା ନେଇ ସନ୍ଦିହାନ । ଅଧିକ ବର୍ଷାପବନ ହେଲେ ଜମିରେ ଥିବା ଫସଲ ନଷ୍ଟ ହେବ । ଖଳାରେ ବି କଟା ଧାନ କ୍ଷତିଗ୍ରସ୍ତ ହେବ । ସେହିପରି ବିଭିନ୍ନ ପନିପରିବା ସହିତ ଚିନାବାଦାମ ଓ ବିରି ଫସଲ ନଷ୍ଟ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି । ସମ୍ଭାବ୍ୟ କ୍ଷୟକ୍ଷତିକୁ ନେଇ ଚାଷୀ ଦୁଶ୍ଚିନ୍ତାରେ ରହିଛି । ସେହିପରି ଖାଲୁଆ ଅଞ୍ଚଳରେ ଏବଂ କଚ୍ଚା ଘରେ ରହୁଥିବା ଗରିବ ଲୋକମାନେ ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ପହଁଚି ବାତ୍ୟା ମୁକାବିଲାର ସମୀକ୍ଷା କରିଛନ୍ତି । ଚାଷୀମାନେ ସେମାନଙ୍କ ଅମଳଯୋଗ୍ୟ ଧାନକୁ କାଟି ଆଣିବା ସହ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ କୁହାଯାଇଥିଲା । ବାତ୍ୟା ଗତିବିଧିକୁ ନଜର ରଖାଯିବା ସହ ବର୍ଷା ଓ ପବନର ବେଗ ବଢିଲେ ତଳିଆ ଅଞ୍ଚଳ ଏବଂ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଓ ତୁରନ୍ତ ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନ ସଜାଗ ରହିଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଥିଲେ।

## ସ୍ମୃତିର ବୋଇତରେ ସବୁଜ ବାର୍ତ୍ତା



ଭୁବନେଶ୍ୱର (ପିଏନ୍): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଉତ୍କଳୀୟ ପରମ୍ପରାରେ ଡ଼ଙ୍ଗା ଭସାଇବା ଓ ବୋଇତ ବନ୍ଦାଣର ଦିନ। ଅତୀତରେ ସାଧବ ପୁଅର ନୌବାଣିଜ୍ୟ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବୋଇତରେ ଏକ ବଳିଷ୍ଠ ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଥିଲେ। ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ରେ ରହୁଥିବା ସୁଶାନ୍ତ ପରିବେଶ ଉପଯୋଗୀ ବାଉଁଶ, କାଠ ଓ ସୂତା, ରଙ୍ଗ ଆଦିକୁ ବ୍ୟବହାର କରି ତିଆରି କରିଥିଲେ ଏକ ସବୁଜ ବୋଇତ। ବୋଇତ ଉପରେ ଓଡ଼ିଆ ଭାଷାରେ ରହିଥିଲା ଏକ ସୁନ୍ଦର ପରିବେଶଧର୍ମୀ ମନଛୁଆଁ ସ୍ଲୋଗାନ୍ 'ଆସ ତିଆରିବା ହେନ୍ତାଳ ବଣ, ଏ ନେଇ ସମସ୍ତେ କରିବା ପଣ, ରହିବା ସୁରକ୍ଷିତ ସଭିଏଁ ଜାଣ।' ଦିନ ଥିଲା ସାଧବ ପୁଅ ବାଲି, ସୁମାତ୍ରା, ଜାଭା, ଶ୍ରୀଲଙ୍କା ଆଦି ଦେଶମାନଙ୍କରେ ନୌବାଣିଜ୍ୟ କରି ରାଜ୍ୟକୁ ନେଇ ଆସୁଥିଲେ ଅନେକ ଧନ, ରତ୍ନ ଇତ୍ୟାଦି। ରାଜ୍ୟ ହେଉଥିଲା ସମୃଦ୍ଧ। ସମ୍ପ୍ରତି ଦ୍ୱୀପ ମଧ୍ୟରେ ରହିଥିବା ଛୋଟ ଛୋଟ ଦେଶଗୁଡ଼ିକ ବିପଦରେ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ତାପମାତ୍ରାରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ମାନବ ସମାଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି। ଦ୍ୱୀପ ମଧ୍ୟରେ ରହିଥିବା ସମୃଦ୍ଧିଶାଳୀ ଦେଶ ଏବଂ ସମୁଦ୍ର ଉପକୂଳରେ ରହିଥିବା ଛୋଟ ବଡ଼ ସହର ଏବଂ ଗ୍ରାମଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏ ପ୍ରକାର ବିପଦକୁ କେବଳ ପରିବେଶ ସୁରକ୍ଷା ମାଧ୍ୟମରେ ଟାଳିହେବ ବୋଲି ସୁଶାନ୍ତ କହିଥିଲେ। ସାମୁଦ୍ରିକ ଅବକ୍ଷୟ ଏବଂ ବାତ୍ୟାକୁ ରୋକୁଥିବା ହେନ୍ତାଳ ବଣ ହିଁ ଏକମାତ୍ର ସୁରକ୍ଷା କବଚ। ଯେଉଁ ସୁରକ୍ଷା କବଚ ଦିନେ ବାତ୍ୟା, ବନ୍ୟାକୁ ରୋକୁଥିଲା, ସେହି କବଚକୁ ମଜଭୂତ କରିବା ପାଇଁ ବ୍ୟାପକ ହେନ୍ତାଳ ବଣର ଆବଶ୍ୟକତା ରହିଛି। ତେଣୁ ଏ ଦିଗରେ ଜନସଚେତନତା ନିତାନ୍ତ ଆବଶ୍ୟକ ବୋଲି ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବୋଇତ ମାଧ୍ୟମରେ ଶ୍ରୀ ସାହୁ ଦେଇଥିଲେ ଏହି ନିଆରା ବାର୍ତ୍ତା। ସୁଶାନ୍ତଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

## ଛାତ୍ର କଂଗ୍ରେସ ପୂର୍ବତନ ସଭାପତିଙ୍କ ପିତୃ ବିୟୋଗ




ରାଉରକେଲା (ପିଏନ୍) : ରାଉରକେଲା ଜିଲ୍ଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଏସ୍.ଅଶୋକ କୁମାରଙ୍କ ପିତା ଟି.ସୁବ୍ରମଣ୍ୟମ ନାୟାରଙ୍କର ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଏକ ଶୋକ ବାର୍ତ୍ତାରେ ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ଯେ, ସ୍ୱର୍ଗତ ନାୟାର ଜଣେ ନିଷ୍ଠାପର, ସରଳ, କର୍ମଠ ତଥା ବନ୍ଧୁପ୍ରେମୀ ବ୍ୟକ୍ତି ଭାବେ ସେକ୍ଟର ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ଇସ୍ପାତ କାରଖାନାରେ କାର୍ଯ୍ୟରତ ଥାଇ ଅବସର ଗ୍ରହଣ ପରେ ଛେଣ୍ଡ ଅଞ୍ଚଳରେ ଅବସ୍ଥାନ କରୁଥିଲେ । ଗତକାଲି ସନ୍ଧ୍ୟାରେ ୮୫ ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି । ଏହି ଦୁଃଖଦ ସମୟରେ ଈଶ୍ୱର ତାଙ୍କ ପରିବାରକୁ ସହାୟ ହେବା ସହିତ ସ୍ୱର୍ଗତ ନାୟାରଙ୍କ ଆତ୍ମାକୁ ସଦ୍‌ଗତି ଦେବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ପୂର୍ବତନ ସଭାପତି ବିରେନ ସେନାପତି, ଛେଣ୍ଡ ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ଅନ୍ୟତମ ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଜିଲ୍ଲା ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, କୋଷାଧକ୍ଷ ଚିତ୍ତରଂଜନ ମହାନ୍ତି, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ଜିଲ୍ଲା କଂଗ୍ରେସର ଶ୍ୟାମସାଗର ପ୍ରମୁଖଙ୍କ ସମେତ ଅନ୍ୟ କଂଗ୍ରେସ କର୍ମକର୍ତ୍ତାମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ଯୋଗେନ୍ଦ୍ର ଦାସ ଆଶ୍ରମରେ ଗୋ ପୂଜା ସହିତ ସଚେତନତା ଅଭିଯାନ

ଆନନ୍ଦପୁର(ପିଏନ୍):କେନ୍ଦୁଝର ଋଷିକ୍ଷେତ୍ରର ଆନନ୍ଦପୁର ଉପଖଣ୍ଡ ବେଲବାହାଳି ବରମୁଳସାହି ଯୋଗେନ୍ଦ୍ର ଦାସ ଆଶ୍ରମରେ ସାଧୁସନ୍ଥ ତଥା ଧର୍ମ ରକ୍ଷକମାନଙ୍କୁ ନେଇ ଏକ ସମାଜ ସଂସ୍କାର ଆଲୋଚନାଚକ୍ର ସହ ଗୋ ନବରାତ୍ର ଅବସରରେ ଗୋ ପୂଜା ଏବଂ ଜନସାଧାରଣଙ୍କୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଏହି ସଚେତନତା ଅଭିଯାନରେ ସୋହମସ୍ୱାମୀ କୃପା ପାତ୍ର ଅଖଣ୍ଡାନନ୍ଦ ସ୍ୱାମୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନରେ ଅଧ୍ୟକ୍ଷତା କରିଥିବା ଆବାହକ ବାବା ତ୍ରିଲୋଚନ ଦାସ ଏବଂ ଶତ୍ରୁଘନ ଦାସ ଦାୟିତ୍ୱ ନେଇ ସକାଳୁ ପ୍ରଥମେ ଗୋ ପୂଜା କରାଯାଇ ଘର ଘର ବୁଲି କିପରି ଭାବେ ଆମ ଅଂଚଳରେ ବିଦେଶୀ କ୍ଷୀର ଓ ଘିଅ ଲୋକମାନେ ବ୍ୟବହାର ନକରିବେ ଏବଂ ନିଜ ଘରେ ଗୋରୁ ଗାଈ ରଖି ଗୋ ସେବା କରି ଦେଶୀ ଗାଈ କ୍ଷୀର ଓ ଘିଅ ସମସ୍ତେ ବ୍ୟବହାର କରିବେ ଏବଂ ଯେଉଁ ଗୋରୁ ଗାଈ ମରି ଯାଉଛନ୍ତି ସେସବୁକୁ ନିଜ ଚାଷ ଜମିରେ ପୋତିବେ । ଯାହା ଫଳରେ ଚାଷ ଜମି ଅଧିକ ମାତ୍ରରେ ବଳ ସଂଗ୍ରହ କରିପାରିବ ଏ ସମ୍ପର୍କରେ ସାଧୁସନ୍ଥମାନେ ଲୋକମାନଙ୍କ ସମ୍ମୁଖରେ ଆଲୋଚନା କରିଥିଲେ । ଏଥିରେ ବାବାଜୀ ପର୍ଶୁରାମ ଦାସ, ବ୍ରଜବନ୍ଧୁ ଦାସ, ତ୍ରିଲୋଚନ ଦାସ, ନୀଳମାଧବ ଦାସ, ମନମୋହନ ଦାସ, ଶତ୍ରୁଘନ ଦାସ, ରାମଚନ୍ଦ୍ର ଦାସ, ଆଦିକନ୍ଦ ଦାସ ଏବଂ ଗ୍ରାମବାସୀ କ୍ଷେତ୍ରବାସୀ ସାହୁ, ବୀରବର ସାହୁ, ଗୋପୀନାଥ ସାହୁ, ରଙ୍କନିଧି ସାହୁ, କୁଶ ଖୁ□ଆ, ଚେମତା ସାହୁ, ଘନଶ୍ୟାମ ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ରହି ଗୋ ନବରାତ୍ର ପାଇଁ ସଚେତନତା ଅଭିଯାନରେ ସହଯୋଗ କରିଥିଲେ ।

## ଧର୍ମଶାଳା ବିଜେପିର ମିଶ୍ରଣ ପର୍ବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବିଜେପିର ଏକ ମିଶ୍ରଣ ପର୍ବ ଶାନ୍ତିବଜାର(ଦୁର୍ଗା ମଣ୍ଡପ)ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ଧର୍ମଶାଳାର ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ଜାରକା ପଞ୍ଚାୟତର ବହୁ ସଂଗଠକ ଓ କର୍ମୀ ବିଜେପିରେ ଯୋଗଦେଇଥିଲେ। ବିଜେପି ନେତା ଉପେନ୍ଦ୍ର କରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠକ ଦେବେନ୍ଦ୍ର ପାଣିଗ୍ରାହୀ, ସଂଜୟ ଲେଙ୍କା, କୁମାର ଖଟୁଆ, ରାମଚନ୍ଦ୍ର ରାଉତ, ସନ୍ତୋଷ ଖଟୁଆ, କାର୍ତ୍ତିକ ପଣ୍ଡା, ଟୁକୁନା କାଣ୍ଡି, ସୁଜିତ୍ ଦାସ, ସୌମ୍ୟରଂଜନ ରାଉତ, ଆକାଶ ଦାସ, ବାଇଧର ଦାସ, ବିଭୂତି ଭୂଷଣ ରଥ, ବୁଲୀ ଦାସ, ବ୍ରହ୍ମାନନ୍ଦ ମିଶ୍ର, ବଳରାମ କରଙ୍କ ସମେତ ସେମାନଙ୍କ ବହୁ ସମର୍ଥକ ବିଜେପିରେ ଯୋଗଦେବା ପରେ ଧର୍ମଶାଳାରେ ଦଳୀୟ ସଂଗଠନ ଅଧିକ ମଜବୁତ ହେଲା ବୋଲି କୁହାଯାଇଥିଲା । ନବାଗତ କର୍ମୀମାନଙ୍କୁ ବିଜେପି ନେତ୍ରୀ ଶ୍ରୀମତୀ ପହି ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ସତ୍ୟନାରାୟଣ କର ଓ ସତ୍ୟନାରାୟଣ ଆଚାର୍ଯ୍ୟ ଏହି ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ ।

## ଗାଁକୁ ଗାଁ ବୁଲୁଛନ୍ତି ସମାଜସେବୀ ଡଃ. ଶମ୍ଭୁନାଥ ରାଉତ

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ରାଧିକାଦେଇପୁର ପଂଚାୟତର ରାଧିକାଦେଇପୁର ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ସମାଜସେବୀ ଡ. ଶମ୍ଭୁନାଥ ରାଉତ । ଗ୍ରାମଟିରେ ପଂଚାୟତର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ଥିଲେ ମଧ୍ୟ ଏହା ମାତ୍ର ଗୋଟିଏ ୱାର୍ଡ ଓ ୪ ଶହରୁ ଉର୍ଦ୍ଧ୍ୱ ଭୋଟର ବିଶିଷ୍ଟ ୭ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟାର ବସତି । ଏହି ଗ୍ରାମରେ ଅର୍ଦ୍ଧାଧିକ ଯାଦବ ଏବଂ ଅନ୍ୟ ଅଧା ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଅଟନ୍ତି । ଦୀର୍ଘ ବର୍ଷ ଧରି ପଂଚାୟତର ସଦର ମହକୁମା ଗାଁ ଟି ହୋଇଥିଲେ ମଧ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହ ଆବାସ ଯୋଜନା ବାଟ ହୁଡିଛି । ବାର୍ଦ୍ଧକ୍ୟ, ବିଧବା ଭତ୍ତା ସାଙ୍ଗକୁ ରାସନକାର୍ଡରୁ ବଂଚିତ ହୋଇଛନ୍ତି । ଏହି ଗ୍ରାମର ଅନେକ ଜନଜାତି ସମ୍ପ୍ରଦାୟ ରାଜନୈତିକ ମାନସିକତା ଅଭାବରୁ ପ୍ରଶାସନିକ ଅଧିକାରୀମାନେ ପଂଚାୟତର ଏହି ଗ୍ରାମର ବିକାଶରେ ବାଧକ ସାଜିଛନ୍ତି । ଖବର ପାଇ ସମାଜସେବୀ ତଥା ଗରିବ ସେବା ସଦନର ସଭାପତି ଡ. ରାଉତ ଓ ସଦନର ବରିଷ୍ଠ ସଦସ୍ୟଗଣ ବାବନ ଚରଣ ଭୂୟାଁ, ପ୍ରଣବ ପୁହାଣ, ଦିଲ୍ଲୀପ ଜେନା, ଝାଡେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଗ୍ରାମର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଗ୍ରାମର ବିଦ୍ୟାଧର ଦାସ, ଧନେଶ୍ୱର ମୁର୍ମୁ, ଶ୍ରୀକାନ୍ତ ସୋରେନ୍, ଚମ୍ପା ଟୁଡୁ, ସୁନାରାମ କିସ୍କୁ, ରଂଜନ ପାତ୍ର, ସୁଶାନ୍ତ ବାରିକ, କ୍ଷେତ୍ରବାସୀ ମାରାଣ୍ଡିଙ୍କ ସହିତ ବହୁ ଗରିବ ଲୋକ ଯୋଗଦେଇ ନିଜର କ୍ଷୋଭ ପ୍ରକାଶ କରିଥିଲେ । ଏହିସବୁ ସମସ୍ୟା ଜିଲ୍ଲାପାଳ ଓ ୫-ଟି କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ମାଧ୍ୟମରେ ଜଣାଇବା ପାଇଁ ଗରିବ ସେବା ସଦନ ତରଫରୁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଦଶଟା ଦୋଷୀ ଖସି ଯାଆନ୍ତୁ ପଛେ କିନ୍ତୁ ଗୋଟେ ନିର୍ଦ୍ଦୋଷୀ ଦଣ୍ଡ ପାଇବା ଅନୁଚିତ୍



ମାନବିକତା ଏପରି ଏକ ଶବ୍ଦ ଯାହା କହିବା ଏବଂ କରି ଦେଖେଇବା ମଧ୍ୟରେ ଅନେକ ପାର୍ଥକ୍ୟ ।ଆଜି ଆମେ ଏଭଳି ଏକ ବ୍ୟକ୍ତିତ୍ୱ ଙ୍କ ବିଷୟରେ ଆପଣମାନଙ୍କୁ ଜଣେଇବାକୁ ଚାହୁଁଛୁ କି ସେ ସରକାରୀ ଚାକିରିର ଅଧିକାରୀ ହୋଇଥିଲେ ମଧ୍ୟ ବିଶ୍ୱ ମହାମାରୀ କୋରୋନା ସମୟରେ ନିଜର ବ୍ୟକ୍ତିଗତ ସମୟରୁ ସମୟ କାଢି ଜନସାଧାରଣ କୁ ସଚେତନତାର ମାର୍ଗ ଦର୍ଶାଇଥିଲେ ।ସାଧାରଣ କ୍ଷେତ୍ରରେ ଦେଖାଯାଏ କେତେକ ଅଧିକାରୀ ମାନେ ଲୋଭଗ୍ରସ୍ତ ହୋଇ ନିଜର ମାନବିକତା କୁ ଭୁଲି ଯାଇଥାନ୍ତି ।ଏହି ମାନବିକତା କୁ ବଞ୍ଚାଇ ରଖିବା ପାଇଁ ସେ ସର୍ବଦା କାର୍ଯ୍ୟରତ କେନ୍ଦ୍ରାପଡ଼ା ଭଳି ଏକ ପଛୁଆ ବର୍ଗର ଜିଲ୍ଲା ହୋଇଥିଲେ ମଧ୍ୟ ଏହି ଜିଲ୍ଲାର ଅନେକ ବ୍ୟକ୍ତି ବିଶେଷ ଆଜି ସାରା ଦେଶରେ କୋଉଠି ନା କୋଉଠି କ୍ଷ୍ୟାତି ଅର୍ଜନ କରିଛନ୍ତି ।ସେଥିମଧ୍ୟରୁ କଟକ ଜିଲ୍ଲା କ୍ୟାଣ୍ଟନମେଣ୍ଟ ଥାନାର ସବ ଇନ୍ସପେକ୍ଟର ରାକେଶ ଜଣେ, ଯେକି ନିଜର ସଙ୍ଗୀତ ମାଧ୍ୟମରେ ସାର୍ ଓଡ଼ିଶା ବାସୀଙ୍କୁ ସଚେତନତା ର ବାର୍ତ୍ତା ଦେଇ ଆଜି ଖୁବ୍ ଲୋକପ୍ରିୟତା ହାସଲ କରିଛନ୍ତି ।ଏହିପରି ଏକ ସରଳ ଏବଂ ନିଷ୍ପାପର ପୋଲିସ ଅଧିକାରୀ ଶ୍ରୀ ରାକେଶ କୁମାର ବେହେରାଙ୍କ ସହ ରାଜେଶ କୁମାର ଲେଙ୍କାଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତକାର ।

***ପ୍ର: ଆପଣ ଗୀତଗାଇ ସାରା ରାଜ୍ୟ ବାସୀଙ୍କୁ ସଚେତନତାର ବାର୍ତ୍ତା ଦେଉଛନ୍ତି ।ଏହା ଜନସଚେତନତା ପାଇଁ ନା ନିଜର ଲୋକପ୍ରିୟତା ପାଇଁ ?***

ଉତ୍ତର: ପ୍ରଥମ କଥା ହେଲା ସଂଗୀତ ମୋର ଈଶ୍ୱର ପ୍ରଦତ୍ତ ଜନ୍ମଗତ କଳା ।ପୋଲିସ ଚାକିରୀ କରିବା ପୂର୍ବରୁ ମୁଁ ବିଭିନ୍ନ କାର୍ଯ୍ୟକ୍ରମରେ ନିଜେ ଲେଖିକି ଗୀତ ଗାଏ ।ସମୟ ଚକ୍ରରେ ପୋଲିସ ଚାକିରୀ କରିବା ପରେ ,ବ୍ୟସ୍ତ ବହୁଳ କାର୍ଯ୍ୟ ମଧ୍ୟରେ ସଂଗୀତ ପାଇଁ ସମୟ ସଂଚୟ କରି ପାରେନି ।କିନ୍ତୁ ମହାମାରୀ କରନା ପାଟ୍ରୋଲିଂ କରିବା ସମୟରେ ଲୋକମାନେ କୋଭିଡି ନିୟମ ଉଲଂଘନ କରୁଥିବାର ଦୃଶ୍ୟ ଦେଖି ମୁଁ ବ୍ୟଥିତ ହୁଏ । ଏମିତିକି କରନା ର ଭୟାଭୟତା ଓ ନିୟମକାନୁନ ମାନିବାକୁ ମୁଁ ଢଗଢମାଳି ,ସଂସ୍କୃତ ଶ୍ଳୋକ, ସଂଗୀତ ମାଧ୍ୟମରେ ପ୍ରଚାର କରି ବୁଝାଇ ଥାଏ ।ତେଣୁ ଦିନେ ରାତିରେ ଥାନାରୁ ଫେରି ଖାଇସାରିବା ପରେ ଭାବିଲି ଶ୍ରୀ ଜଗନ୍ନାଥ ଙ୍କୁ ଗୁହାରି କରି କରନା ର ଭୟାଭୟତା ଠୁ ଜଗତ ଉଦ୍ଧାର ପାଇଁ ଭଜନ ଟିଏ ଲେଖିବି ,ସଂଗେ ସଂଗେ ଭଜନ ଟେ ଲେଖିଲି ଓ ଲେଖି ସାରିବା ପରେ ରାତି ୧ ରୁ ୧.୩୦ ସମୟରେ ଭଜନ ଟିକୁ ଗାଇଲି ।ସେ ଗୀତଟି ସମସ୍ତଙ୍କୁ ଭଲ ଲାଗିଥିଲା ,ଏହା ଶୁଣିକି ମୋତେ ନିଜକୁ ବହୁତ ଖୁସି ଲାଗିଥିଲା । ମୁଁ କାର୍ଯ୍ୟ ଏବଂ କର୍ତ୍ତବ୍ୟନିଷ୍ଠାରେ ବିଶ୍ୱାସ କରେ ।ତେଣୁ ମୋର ଆନ୍ତରିକ ଉତ୍କଣ୍ଠା ଓ ଜନସଚେତନତା କରିବାର ଜିଜ୍ଞାସା ରୁ ଏହି ପ୍ରୟାସ ସୃଷ୍ଟି ହେଇଥିଲା । ପୋଲିସ ଚାକିରୀ କରି ଗୀତ ଗାଇ ଲୋକପ୍ରିୟତା ହାସଲ କଲେ ନା ପ୍ରମୋସନ ହବାର ଅଛି ନା ବିଭାଗ ତରଫରୁ କୌଣସି ପୁରସ୍କାର ପାଇବାର ଅଛି ,ମୁଁ ଜଣେ ନିପଟ ଗାଉଁଲି ପିଲା ଜନ ସେବା କରିବା ମୋ ଉଦେଶ୍ୟ , ଅନ୍ୟ କିଛି ନାହିଁ ଯାହାର ନିଜ ଶରୀରର ଯତ୍ନ ନେବାକୁ ସମୟ ନାହିଁ ସେ ଲୋକପ୍ରିୟତା ପାଇବାକୁ କାହିଁକି ଇଛା କରିବ।

***ପ୍ର: ସରକାରଙ୍କ ୫ଟି ଯୋଜନା ଆପଣଙ୍କ ଥାନାରେ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଏହା ଦ୍ୱାରା ସତରେ କଣ ଲୋକମାନେ ଉପକୃତ ହେଉଛନ୍ତି ?***

ଉତ୍ତର: ସରକାରଙ୍କ ୫ଟି ଯୋଜନା ସବୁ ଥାନା ପରି ଆମ ଥାନାରେ ମଧ୍ୟ କାର୍ଯ୍ୟକାରୀ ହେଉଛି ।ଲୋକମାନେ ଥାନା କୁ ଆସିଲେ ତାଙ୍କୁ ଆତିଥେୟତା ପ୍ରଦାନ ପୂର୍ବକ ପିଇବା ପାଣି , ଚା ଆଦି ପ୍ରଦାନ କରାଯାଉଛି ।ତାଙ୍କର ଅସୁବିଧାକୁ ଧର୍ଯ୍ୟର ସହିତ ସହାସ୍ୟ ବଦନରେ ଶୁଣିସାରି ତାର ସମାଧାନ କରାଯାଉଛି । ବରିଷ୍ଠ ନାଗରିକ ମାନଙ୍କ ଘରକୁ ଯାଇ ତାଙ୍କର ବିବିଧ ସମସ୍ୟା ବିଷୟରେ ପଚରା ଯାଇ ସମାଧାନ କରାଯାଉଛି ।ଥାନାର ପ୍ରତ୍ୟକ କୋଠରୀ ଓ ବାହାରପଟେ ସିସିଟିଭି କ୍ୟାମେରା ଲଗାଯାଇଛି ।କଟକ କ୍ୟାଣ୍ଟନମେଣ୍ଟ ଥାନାରେ ମଧ୍ୟ ଏହି ଯୋଜନା ସରକାରୀ ନିୟମାନୁଯାୟୀ କାର୍ଯ୍ୟକାରୀ ହେଉଅଛି ଓ ଏହା ଦ୍ୱାରା ଲୋକମାନେ ଉପକୃତ ହେଉଛନ୍ତି ।

***ପ୍ର: ଦିନକୁ ଦିନ ଓଡ଼ିଶାରେ ନାରୀ ନିର୍ଯାତନା ଭାର ବଢି ଚାଲିଛି । ଆପଣଙ୍କ ମତରେ ଦୋଷୀ ପ୍ରତି କେଉଁ ପଦକ୍ଷେପ ନେଲେ ନାରୀ ନିର୍ଯାତନା ହ୍ରାସ ପାଇବ ?***

ଉତ୍ତର: ନାରୀ ନିର୍ଯାତନା ଏକ ନିହାତି ନିନ୍ଦନୀୟ ଓ ପାପକାର୍ଯ୍ୟ ।ଏଥିପାଇଁ ବିଭିନ୍ନ ପ୍ରକାରର ଆଇନି କାନୁନ ର ବ୍ୟବସ୍ଥା କରାଯାଉଛି ଓ ତଦନୁଯାୟୀ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।ନାରୀ ନିର୍ଯାତନା ମାମଲାକୁ ଏକ ସ୍ୱତନ୍ତ୍ର କୋର୍ଟରେ ବିଚାର କରାଯାଇ ତୁରନ୍ତ ଦଣ୍ଡ ବିଧାନ ମଧ୍ୟ କରାଯାଉଛି ।ନାରୀ ନିର୍ଯାତନା ହ୍ରାସ କରିବାକୁ ମୋର ବ୍ୟକ୍ତିଗତ ମତରେ କଠୋରରୁ କଠୋରତମ ଦଣ୍ଡ ବିଧାନ ରଖାଯିବା ଜରୁରୀ । ଖାଲି ଦଣ୍ଡବିଧାନ କରିଦେଲେ ମନୁଷ୍ୟର ପାଶବିକ ଚିନ୍ତାଧାରା ଦୂର ହେଇ ଯାଏନି ,ଏଥିପାଇଁ ସୁଦୃଢ ଯୁଗାନ୍ତକାରୀ ପଦକ୍ଷେପ ଜରୁରୀ ।ଲୋକମାନଙ୍କ ମାନସିକତା ଦୂର କରିବାକୁ ଗଣମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାର କରିବା ନିହାତି ଆବଶ୍ୟକ । ଆଂଚଳିକ ହେଉ ବା ଜାତୀୟ ଚଳଚ୍ଚିତ୍ର ମାନଙ୍କରେ ଅନାବଶ୍ୟକୀୟ ଅଦରକାରୀ ଦୃଶ୍ୟପଟକୁ ଅନୁମତି ନଦେବା ଆବଶ୍ୟକ ।ନୈତିକ ଅଧୋପତନରୁ ଯୁବସମାଜକୁ ମୁକୁଳେଇବା ପାଇଁ ସରକାର ବିଭିନ୍ନ ନୈତିକତାର କାର୍ଯ୍ୟକ୍ରମ କଲେ ଭଲ ହୁଅନ୍ତା ।

***ପ୍ର: ସାଧାରଣରେ ଚର୍ଚ୍ଚା ହୁଏ ବିନା PC ରେ FIR issuର ହୁଏ ନାହିଁ । ଏହା କେତେଦୂର ସତ୍ୟ ?***

ଉତ୍ତର:ଏହି ଧାରଣା ସମ୍ପୂର୍ଣ୍ଣ ଭିତ୍ତିହୀନ ।ମୁଁ ସାତ ବର୍ଷ ହେଲା ପୋଲିସି ଚାକିରୀ କଲାଣି । ଥାନାରେ ପ୍ରତ୍ୟକ ଦିନ ଜଣେ ଲେଖାଏଁ ଡିଶିଓ ଦାୟିତ୍ୱରେ ରୁହନ୍ତି ।ଥାନାର ଗେଟରୁ ଆରମ୍ଭ କରି ପଛପଟ ଯାଏ ସବୁଆଡେ ସିସିଟିଭି ଲାଗିଛି ଜଣେ ବ୍ୟକ୍ତି ଥାନାକୁ ଗଲେ ପ୍ରଥମେ ଡିସିଓ ଙ୍କ ପାଖକୁ ଯାଏ ଓ ଡିସିଓ ଙ୍କୁ ରଓଜ ଦେଇଥାଏ ।ଡିସିଓ ରଓଜ ପଢି ଯଦି ନିଜେ ସମାଧାନ କରି ପାରନ୍ତି ତେବେ ଭଲ ,ନଚେତ ଥାନା ର ଆଇଆଇସି ଙ୍କୁ ରିପୋର୍ଟ ଦେଖାନ୍ତି ଓ ଅଭିଯୋଗକାରୀର ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରନ୍ତି । ତାପରେ କେଶ ର ଆଇଓ ଅନୁସନ୍ଧାନ କରି ଚୋରକୁ ଧରିଥାନ୍ତି ।ଏଥିରେ ଚଉ ସ୍ଥାନ ହିଁ ନାହିଁ ଲୋକଙ୍କ ସମସ୍ୟା ବୁଝି ସମାଧାନ କରିପାରିଲେ ନିଜକୁ ବହୁତ ଖୁସି ଲାଗେ,ଯଦି ବି ଏମିତି କିଏ ଭୁଲ କାମ କଲା ସେ ନିଶ୍ଚିତ ଦଣ୍ଡ ପାଇବାକୁ ଯୋଗ୍ୟ।

***ପ୍ର:ଓଡ଼ିଆରେ ଏକ ପ୍ରଥା ଅଛି 'ମାଛ ଖାଇବ ଇଲିସି ଚାକିରୀ କରିବ ପୋଲିସ '।ଏହା ବିଷୟରେ କଣ କହିବେ ?***

ଉତ୍ତର: ମୁଁ ଯେତେବେଳେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥାଏ ,ଏକ ଚୋରି କେସ ରେ ଆମ ଗାଁ କୁ ରାଜକନିକା ଥାନା ର ପୋଲିସ ଆସିଥିଲେ । ସେତେବେଳେ ଗାଁ ଲୋକଙ୍କ ଠାରୁ ଏପରି ଏକ ଢଗ ଶୁଣିଥିଲି,କିନ୍ତୁ ତାର ଅର୍ଥ ବୁଝି ନଥିଲି ।କାଳକ୍ରମେ ଶିକ୍ଷକ ଚାକିରୀ ଛାଡି ୨୦୧୩ରେ ପୋଲିସ ଚାକିରୀ କରିଲି ।୨୦୧୬ ମସିହାରେ କଟକ ଜଗତପୁର ଥାନା ଓ ୨୦୧୯ ରେ କ୍ୟାଣ୍ଟନମେଣ୍ଟ ଥାନା ରେ ଯୋଗଦାନ କରି କାର୍ଯ୍ୟ କରି ଆସୁଅଛି ।ଅନ୍ୟ ସରକାରୀ ଚାକିରୀ ରେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟ କରାଯାଇଥାଏ , କିନ୍ତୁ ପୋଲିସ ଚାକିରୀରେ ବିଭିନ୍ନ ପ୍ରକାରର କାର୍ଯ୍ୟ ଯଥା କେସ ନେବା ,ଚୋର ଧରିବା,ଓ୍ୱାରେଣ୍ଟ କେସ ଧରିବା,ଇନକ୍ୱାରୀ କରିବା,ସାକ୍ଷୀ ଦେବା,ଆଇନି ଶୃଙ୍ଖଳା ରକ୍ଷ୍ୟା କରିବା ,ଅସହାୟଙ୍କୁ ସାହାଯ୍ୟ କରିବା ,ବରିଷ୍ଠ ନାଗରିକଙ୍କୁ ସୁରକ୍ଷ୍ୟା ପ୍ରଦାନ କରିବା,ପାଟ୍ରୋଲିଂ କରିବା ,ଟ୍ରାଫିକ ସମସ୍ୟା ଆଦି କରିବାକୁ ପଡିଥାଏ । ଯାହାକି ଅନ୍ୟ ଚାକିରୀ ଠାରୁ ନିହାତି ଭାବରେ ଭିନ୍ନ ଅଟେ । ନିଜ ପରିବାର ପାଇଁ ଟିକେ ବି ସମୟ ମିଳି ନଥାଏ । ଇଲିସି ମାଛରେ ଦେହ ସାରା କଣ୍ଟା ଥାଏ ,ସେମିତି ପୁଲିସି ଚାକିରୀରେ ବହୁବିଧ ସମସ୍ୟା ଆସିଥାଏ ଓ ପ୍ରତିକୂଳ ପରିବେଶରେ ମଧ୍ୟ କାର୍ଯ୍ୟ କରିବାକୁ ପଡିଥାଏ । ବୋଧ ହୁଏ ସେଥିପାଇଁ କୁହାଯାଏ 'ଚାକିରୀ କରିବ ପୋଲିସ ମାଛ ଖାଇବ ଇଲିସି' ।

***ପ୍ର: ଅନେକ ସମୟରେ ଓଡ଼ିଶାର ଯୁବପିଢୀ ମାନଙ୍କର ନିଜସ୍ୱ ଦୋଷ ନଥାଇ ମଧ୍ୟ ସେମାନଙ୍କୁ ଦୋଷୀ ସଜେଇ ଦିଆ ଯାଏ ।ଏଥିପାଇଁ ପୋଲିସିର କିଭଳି ଭାବେ ତଦନ୍ତ ହେବା ଆବଶ୍ୟକ ?***

ଉତ୍ତର: ଦଶଟା ଦୋଷୀ ଖସି ଯାନ୍ତୁ ପଛେ କିନ୍ତୁ ଗୋଟେ ନିର୍ଦୋଷୀ ଦଣ୍ଡ ପାଇବା ଅନୁଚିତ । ଲୋକମାନେ ବେଳେବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣକ ନାମରେ ମିଛରେ ଲେଖି ରଓଜ ଦେଇଥାନ୍ତି ।,ତାଙ୍କ ଏଫଆଇଆର ଅନୁଯାୟୀ ଦଫା ଲାଗି କେସ କରାଯାଏ ସତ କିନ୍ତୁ ତାପରେ ଇନକ୍ୱାରୀ ଓ ତଦନ୍ତ କରାଯାଏ । ପର୍ଯ୍ୟାପ୍ତ ପରିମାଣର ସାକ୍ଷୀ ମାନଙ୍କର ସାକ୍ଷ୍ୟ ଗ୍ରହଣ କରାଯାଏ ,ବୟାନ ରେକର୍ଡ କରାଯାଏ ,ସିସି ଟିଭି ଫୁଟେଜ ଥିଲେ ଯାଞ୍ଚ କରାଯାଏ ,ହେଲେ ପ୍ରକୃତରେ ଯେତିକି ଘଟଣା ଘଟିଥାଏ ଲୋକଟି ଯେତିକି ଭୁଲ କରିଥାଏ ସେହି ଅନୁସାରେ ଦଫା ଲାଗି ଚାର୍ଜ ସିଟ କରାଯାଇଥାଏ । ଦୋଷର ଗଭୀରତା ଅନୁଯାଇ ଦୋଷୀକୁ କୋର୍ଟ ଚାଲାଣ କରାଯାଏ ,ଯେଉଁଟାକୁ ସାଧାରଣ ଜନତା ନଜାଣି ପାରି ନକରାତ୍ମକ ଢଙ୍ଗରେ ଗ୍ରହଣ କରିଥାନ୍ତି ।

***ପ୍ର: ମହାନଗରୀ କଟକ ରେ ସନ୍ଧ୍ୟା ହେଲେ ସାଧାରଣ ଲୋକମାନେ ନିଜକୁ ସୁରକ୍ଷିତ ମନେ କରୁ ନାହାନ୍ତି। ଏମିତି ଆଉ କେତେ ଦିନ ?***

ଉତ୍ତର: ମହାନଗରୀ କଟକରେ ଅପରାଧ ବହୁତ ମାତ୍ରାରେ କମିଛି । କମିସନରେଟ ପୋଲିସର ପ୍ରତିଥାନାରୁ ୩ଟି ଲେଖାଏଁ ଗାଡି ଦିନ ରାତି ପାଟ୍ରୋଲିଂ କରୁଛି । ଯେଉଁ ମାନେ ଅପରାଧ କରୁଛନ୍ତି ଅପରାଧୀକୁ ତୁରନ୍ତ ଧରାଯାଇ ଜେଲ ପଠାଯାଇ ତାର ଅପରାଧିକ ସାମ୍ରାଜ୍ୟ କୁ ବନ୍ଦ କରି ଦିଆଯାଉଛି । ମହାନଗରୀରୁ ପ୍ରତିଦିନ ବନ୍ଧୁକ ,ବ୍ରାଉନ୍ ସୁଗାର, ଗଂଜେଇ,ଚୋରା ଗାଡି ,ଚୋରା ସାଇକେଲ,ସୁନା ରୁପା ପୋଲିସ ଦ୍ୱାରା ଉଦ୍ଧାର କରାଯାଉଛି । ପରିବାରକୁ ଭୁଲି ପୋଲିସ ଦିନରାତି ପରିଶ୍ରମ କରୁଛି ,ଚବିଶି ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲା ଯାଉଛି । କୌଣସି ଜାଗାରେ ଘଟଣା ଟିଏ ଘଟିଲେ ତୁରନ୍ତ ଚଉଜ ଯାଇ ଘଟଣାସ୍ଥଳରେ ପହଁଞ୍ଚି ସମସ୍ୟାର ସମାଧାନ କରୁଛନ୍ତି । ପ୍ରତ୍ୟକ ଛକ ,ପ୍ରତ୍ୟକ ଗଳି,ପ୍ରତ୍ୟକ ସାହିରେ ପୋଲିସ ଛିଡା ହୋଇ ଜଗିବା ସମ୍ଭବ ହେଉନାହିଁ । କାରଣ ପ୍ରଜ୍ୟାପ୍ତ ସଂଖ୍ୟାରେ ପୋଲିସ ନାହାନ୍ତି,ତେଣୁ ଲୋକମାନେ ନିଜେ ମଧ୍ୟ ସଚେତନ ହେବା ଜରୁରୀ ।

***ପ୍ର: ଓଡିଶା ପୋଲିସର ଫିଟନେସ କୁ ନେଇ ଆପଣଙ୍କ ମତ କଣ ?***

ଉତ୍ତର: ଆଗ କାଳର ପୋଲିସ ଏବଂ ଏ କାଳର ପୋଲିସ ଙ୍କ ଫିଟନେସ ରେ ବହୁତ ଫରକ ଅଛି । ଦିନକୁ ଦିନ ସକ୍ରିୟତା ଓ ଫିଟନେସ ବଢି ଚାଲିଛି । ଯେଉଁ ମାନେ ଫିଟ ନାହାନ୍ତି ସେମାନଙ୍କୁ ବ୍ୟାୟାମ ,ଜିମ,ଦୈାଡାଦୈାଡି କରି ସଦାସର୍ବଦା ଫିଟ ରହିବାକୁ ପଡିବ । ଯାହାଦ୍ୱାରା ଚୋରକୁ ଧରିବା ଏବଂ ଆଇନି ଶୃଙ୍ଖଳା ରକ୍ଷ୍ୟା କରିବାକୁ ଆମେ ଫିଟ ରହି ପାରିବା । କାମ ମଧ୍ୟରେ ଆମକୁ ଏସବୁ କାର୍ଯ୍ୟ ପାଇଁ ସମୟ ମିଳେନି ,ତଥାପି କିଛି ସମୟ ବାହାର କରି ଆମକୁ ଫିଟ ରହିବା ପାଇଁ ପଡିବ ।

***ପ୍ର : ପୂର୍ବରୁ ସାଧାରଣ ଲୋକ ପୋଲିସ କୁ ଦେଖିଲେ ଭୟ କରୁଥିଲେ, ବର୍ତ୍ତମାନ ଆଉ ସେ ଭୟ ଦେଖିବାକୁ ମିଳୁନାହିଁ ।ଏହାର କାରଣ କଣ ?***

ଉତ୍ତର: ପୋଲିସ ମଧ୍ୟ ଜଣେ ସାଧାରଣ ମନୁଷ୍ୟ । ତାଙ୍କର ମଧ୍ୟ ଇଚ୍ଛା ,ମନ, ସ୍ନେହ ପ୍ରେମ ଥାଏ । ତେଣୁ ପୋଲିସ କୁ ଭୟ କରିବାର ପ୍ରୟୋଜନ କଣ ? ପୋଲିସ ଏବଂ ଜନତା ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାକୁ ଓ ଦୂରତା କମେଇବାକୁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି । ଆମ ପୋଲିସ ସମିତି ଜରିଆରେ ଜନତାଙ୍କ ସହ ପୋଲିସର ସିଧାସଳଖ ଭାବରେ ଆଦାନପ୍ରଦାନ କରାଯାଉ ଅଛି । ବରିଷ୍ଠ ନାଗରିକ ମାନଙ୍କ ଘରକୁ ପୋଲିସ ଯାଇ ତାଙ୍କ ସମସ୍ୟା ର ସମାଧାନ କରାଯାଉଛି । ପୋଲିସଙ୍କ ଉପରେ ଜନତାଙ୍କର ସକରାତ୍ମକ ଭାବନା ବଢ଼ି ଚାଲିଛି ।ଲୋକମାନେ ଘରୁ ଥାଇ ମଧ୍ୟ ଅନଲାଇନରେ ବିଭିନ୍ନ ସୋସିଆଲ ମିଡ଼ିଆ ମାଧ୍ୟମରେ ମଧ୍ୟ ନିଜର ଅସୁବିଧାକୁ ପୋଲିସ ପାଖରେ ପହଞ୍ଚାଇ ପାରୁଛନ୍ତି ।ମୁଁ ମଧ୍ୟ ସଙ୍ଗୀତ ମାଧ୍ୟମରେ ଲୋକମାନଙ୍କ ନିକଟତର ହୋଇ ତାଙ୍କୁ ଟିକେ ଖୁସି ବାଣ୍ଟିବାକୁ ଯଥାସାଧ ଚେଷ୍ଟା ଜାରି ରଖିଛି ।

***ପ୍ର: ଜଣେ ପୋଲିସ ଅଫିସର ହିସାବରେ ଆଗାମୀ ଯୁବପିଢି ଙ୍କ ପାଇଁ ଆପଣଙ୍କ ର କଣ ବାର୍ତ୍ତା ରହିବ ?***

ଉତ୍ତର: ଜଣେ ପୋଲିସ ଅଫିସର ହିସାବରେ ଆଗାମୀ ଯୁବପିଢି ଙ୍କୁ ବହୁତ୍ କିଛି କହିବାର ଅଛି ।ଆଜିର ଯୁବପିଢି ମୁଖ୍ୟତଃ ପଥଭ୍ରଷ୍ଟ ହେଉଛନ୍ତି । ପାଟ୍ରୋଲିଂ କରୁଥିବା ସମୟରେ ମୁଁ ଦେଖୁଛି ଯୁବପିଢି ମଦ୍ୟପାନ,ନିଶା ସେବନ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ।ଝିଅ ପିଲାମାନେ ମଧ୍ୟ ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ ଓ ମଦ୍ୟପାନ କରୁଥିବାର ମୋର ଦୃଷ୍ଟି ଗୋଚର ହେଉଛି ।ମୁଁ ଯେତେବେଳେ ଏସବୁ ଦେଖେ ,ସେଇ ପିଲାମାନଙ୍କୁ ମୁଁ ତାଙ୍କର ପରିବାର ,ପରିସ୍ଥିତି ବିଷୟରେ ପଚାରି ବୁଝେ ।ତାଙ୍କର ବାପା ମାଙ୍କ ସହ ଫୋନ୍ ରେ କଥା ହୁଏ ଓ ପିଲା ମାନକୁ ଆକଟ କରିବାକୁ ଅନୁରୋଧ କରେ ।ତେଣୁ ଆଜିର ଯୁବପିଢି ପ୍ରଥମେ ନିଜକୁ ନିଜେ ଚିହ୍ନିବା ଦରକାର ।ପ୍ରଥମେ ପରିବାର,ସଂସ୍କାର,ଶିକ୍ଷ୍ୟା ଓ ଶେଷରେ ଭଲ ମଣିଷ ଟିଏ ହେବାକୁ ପଣ କରିବା ଉଚିତ୍ । ଖରାପ ବାଟକୁ ଯିବା ବହୁତ୍ ସହଜ,ହେଲେ ଭଲ ବାଟକୁ ଯିବା ସ୍ୱଇଛା ଉପରେ ନିର୍ଭର କରେ ।

## ବାତ୍ୟା ବିପଦ ଟଳିଲା : ବର୍ଷାରେ ପାଚିଲା ଧାନ, ପରିବା କ୍ଷତିଗ୍ରସ୍ତ

ଧର୍ମଶାଳା, (ପିଏନ୍): ବାତ୍ୟା 'ଜୱାଦ' ପ୍ରଭାବରେ ଗତକାଲି ରାତିରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଆଜି ଦିନସାରା କୋହଲା ପାଗ ରହିଛି । ଏଥିରେ ଧର୍ମଶାଳା ବ୍ଲକ ଅ□ଳରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଥିବା ଜଣାପଡିଛି । ଅମଳ ସମୟରେ ବର୍ଷାପବନ ହେବାରୁ ଅଧିକାଂଶ ଧାନଗଛ ଜମିରେ ଥିବା ପାଣିକାଦୁଅରେ ଶୋଇଯାଇଛି । ବାତ୍ୟା ଭୟରେ ଜମିରୁ ତରବରିଆ ଭାବେ କାଟି ଆଣିଥିବା ଧାନ ବି ଖଳାରେ ନଷ୍ଟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ବିଭିନ୍ନ ପନିପରିବା ସହିତ ଚିନାବାଦାମ ଓ ବିରି ଫସଲ ନଷ୍ଟ ହୋଇଥିବା ଖବର ମିଳିଛି । ବିଶେଷ କରି ବିଭିନ୍ନ ସ୍ଥାନରେ ଆଜି ଫୁଲକୋବିର ଅଭାବୀ ବିକ୍ରି ହୋଇଥିବା ଦେଖିବାକୁ ମିଳିଥିଲା । କୋବି ନଷ୍ଟ ହୋଇଯିବା ଭୟରେ ଚାଷୀ ଏହାକୁ ୫/୧୦ଟଙ୍କା ମୂଲ୍ୟରେ ବିକ୍ରି କରି ଦେଇଥିଲା । ଏଥିରେ କୋବି ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡିଛି । ଖାଲୁଆ ଅ□ଳରେ ଥିବା ଚାଷ ଜମି ବର୍ଷାପାଣିରେ ବୁଡିଯାଇଛି । ଏକାଧିକ ଦିନ ପାଣିରେ ବୁଡି ରହିଲେ ବ୍ୟାପକ ପନିପରିବା ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ଜଣାପଡିଛି । ସମ୍ଭାବ୍ୟ କ୍ଷୟକ୍ଷତିକୁ ନେଇ ଚାଷୀ ନାନା ଦୁଶ୍ଚିନ୍ତାରେ ରହିଛି । ଗାଈଗୋରୁ ଗୁହାଳୁ ଗୋଡ କାଢି ପାରିନାହାଁନ୍ତି ।

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

କେନ୍ଦୁଝର,(ପି.ଏନ):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ତରଫରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସଅଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି.) ଆନୁକୂଲ୍ୟରେ ତା ୦୩.୧୨.୨୦୨୧ରିଖ ଶୁକ୍ରବାର ଦିନ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ ଦେବେନ୍ ଦାସ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସବୁବେଳେ ସମ୍ମାନ ଦେବା ଏବଂ ଅବହେଳିତ ନକରି ସେମାନଙ୍କୁ ଉପଯୁକ୍ତ ସେବା, ସ୍ନେହ ଆଦର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ କହିଥିଲେ । ଭିନ୍ନକ୍ଷମମାନେ ଉପଯୁକ୍ତ ସୁବିଧା ସୁଯୋଗ ପାଇଲେ ଅଲମ୍ପିକ୍ ଭଳି ଆର୍ନ୍ତଜାତୀୟସ୍ତରରେ ଖେଳି ଜିଲ୍ଲା ତଥା ଦେଶର ଗୌରବ ବଢାଇପାରିବେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ଓ ଯକ୍ଷ୍ମା) ଡାଃ ସୁତକିର୍ତ୍ତୀ ମହାନ୍ତି ଓ ଡାଃ ବିମଳ ରାଉତ ଯୋଗଦେଇ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଲୁକ୍କାଇତ ଥିବା ପ୍ରତିଭାକୁ ବିକଶିତ କରି ଭବିଷ୍ୟତରେ ସେମାନେ ଜଣେ ଜଣେ ଭଲ ମଣିଷରେ ପରିଣତ ହୋଇ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇପାରିବେ । ତେଣୁ ଭିନ୍ନକ୍ଷମମାନଙ୍କୁ ଉପେକ୍ଷା ନ କରି ସେମାନଙ୍କର ପ୍ରତି ସହାନୁଭୂତି, ସ୍ନେହ, ଶ୍ରଦ୍ଧା ଏବଂ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଆଇ.ଇ.ସି.ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ମାଧ୍ୟମରେ ଚିତ୍ରାଙ୍କନ, ନୃତ୍ୟ, ମ୍ୟୁଜିକ୍ ଚେୟାର, ସଙ୍ଗୀତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ଛାତ୍ରୀ ଅପହରଣ, ବାପ ଓ ପୁଅ ନାମରେ ମାମଲା ରୁଜୁ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ଥାନା ଅଧିନ ବେଣାଗାଡିଆ ପଂଚାୟତ ପଥରଦ୍ୱାର ଗ୍ରାମର ଜଣେ ୧୭ ବର୍ଷର ଛାତ୍ରୀଙ୍କୁ ନିକଟସ୍ଥ ନୀଳକଣ୍ଠପ୍ରସାଦ ଗ୍ରାମର ଯୁବକ ବିକାଶ ମଲ୍ଲିକ(୨୪) ଅପହରଣ କରି ନେଇଥିବା ନେଇ ଛାତ୍ରୀଙ୍କ ପିତା ରାଜ ବେହେରା ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ବିକାଶ ଓ ତାର ବାପା ଶରତ ମଲ୍ଲିକଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଛାତ୍ରୀ ଜଣଙ୍କ ସ୍ନାନ ଓ ଶୌଚାଦି କାର୍ଯ୍ୟ ପାଇଁ ଗ୍ରାମ ନିକଟସ୍ଥ କୁଆଁରିଆ ନଦୀ କୂଳକୁ ଯାଇଥିଲେ । ସେଠାରୁ ସେ ଆଉ ଘରକୁ ନ ଫେରିବାରୁ ପରିବାରବର୍ଗଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ପରେ ଦିର୍ଘ ସମୟ ଧରି ଖୋଜାଖୋଜି କରି କୌଣସି ସନ୍ଧାନ ନପାଇବା ପରେ ଛାତ୍ରୀଙ୍କ ପରିବାରବର୍ଗ ଖଣ୍ଡପଡା ଥାନାର ଦ୍ୱାରସ୍ଥ ହୋଇଥିଲେ । ତେବେ ଅପହରଣକାରୀଙ୍କ କବଳରୁ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ପରିବାରବର୍ଗ ନିବେଦନ କରିବା ସହ ଏ ସଂପର୍କରେ ଖଣ୍ଡପଡା ଏସଡିପିଓ ଓ ନୟାଗଡ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


# ସ୍କୁଲ ଚପରାସୀଙ୍କର ଅପହରଣ ଅଭିଯୋଗର ୭ଦିନ ପରେ ପରିତ୍ୟକ୍ତ କୂଅରୁ ମୃତଦେହ ମିଳିଲା, ହତ୍ୟା ଅଭିଯୋଗରେ ୫ଜଣ ଅଟକ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଥାନା ଅନ୍ତର୍ଗତ ବଡକମଣ୍ଡରା ଠାରେ ଥିବା ଏକ ସ୍କୁଲରୁ ଚପରାସୀଙ୍କୁ ଅପହରଣ କରାଯାଇଥିବା ନେଇ ପଣ୍ଡାପଡା ଥାନାରେ ଲିଖିତ ଅଭିଯୋଗ କରିବା ସହ ଗତ ବୁଧବାର କେନ୍ଦୁଝର ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ । ଶନିବାର ଦିନ ୩ କିଲୋମିଟର ଦୂର ଗୋପିନାଥପୁର ଗାଁ ନିକଟ ଏକ ପରିତ୍ୟକ୍ତ କୂଅରୁ ତାଙ୍କ ମୃତଦେହ ଠାବ କରାଯାଇଛି । ହତ୍ୟା ଅଭିଯୋଗରେ ଖୁଣ୍ଟବନ୍ଧ ଗ୍ରାମର ପଟେଲ ମହାନ୍ତଙ୍କ ସହ ୪ଜଣ ଅଟକ ଅଛନ୍ତି । ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକ କହିଛନ୍ତି । ଏ ବାବଦରେ ସ୍ଥାନୀୟ ଲୋକେ ଏସପିଙ୍କୁ ଲିଖିତ ଭାବେ ଜଣାଇ ତୁରନ୍ତ ତାଙ୍କୁ ଉଦ୍ଧାର ନେଇ ପଦକ୍ଷେପ ନେବାକୁ ଦାବୀ ଜଣାଇଥିଲେ । ପୂର୍ବରୁ ଏବାବଦରେ ପଣ୍ଡାପଡା ଥାନାରେ ପରିବାର ପକ୍ଷରୁ ଜଣାଯାଇ ଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ହେଉନଥିବା ସେମାନେ ଅଭିଯୋଗ କରିଥିଲେ । ସୂଚନା ଅନୁସାରେ ବଡକମଣ୍ଡରା ଗ୍ରାମର ନିରନ ନାଏକ(୫୬) ଧନୁର୍ଜୟପୁର ଠାରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଚପରାସୀ ଭାବେ କାମ କରନ୍ତି । ତତ୍‌ସହିତ ସେ ସ୍କୁଲରେ ରାତ୍ରକାଳୀନ ରହଣୀ ନିମନ୍ତେ ସ୍କୁଲକୁ ଯାଆନ୍ତି । ଗତ ୨୮/୧୧/୨୦୨୧ ରବିବାର ଦିନ ସଂନ୍ଧ୍ୟା ୫ଟାରେ ଅନୁରୁପ ଭାବେ ସ୍କୁଲକୁ ଯାଇଥିଲେ । କିନ୍ତୁ ଆଉ ଘରକୁ ଫେରିନାହାଁନ୍ତି । ତେଣୁ ତାଙ୍କୁ କେହି ଅପହରଣ କରି ନିଆଯାଇଥିବା ସେମାନେ ସନ୍ଦେହ ପ୍ରକଟ କରିଛନ୍ତି । ନିଖୋଜ ପରେ ନିରନଙ୍କ ଫୋନ ସୁଇଚଅଫ ରହିଥିବା ବେଳେ ତାଙ୍କର କୌଣସି ଖୋଜଖବର ମିଳିନଥିଲା ।

# ଖେଳ

ପର୍ଯ୍ୟବେକ୍ଷକ

PARYABEKHYAK








## କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ଦିବସୀୟ ପାଠଚକ୍ର

କେନ୍ଦୁଝର,(ପି.ଏନ): କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରଭାକର ନାୟକଙ୍କ ସଭାପତିତ୍ୱରେ ଦୁଇଟି ଅଧିବେଶନରେ ପାଠଚକ୍ର ଆୟୋଜିତ ହୋଇଥିଲା। ପ୍ରଥମ ଅଧିବେଶନର ଆଲୋଚନା ଶୀର୍ଷକ 'ସାଂପ୍ରତିକ ଓଡିଆ କଥା ସାହିତ୍ୟର ଦୃଷ୍ଟି ଓ ଦର୍ଶନ' ଏବଂ ଦ୍ୱିତୀୟ ଅଧିବେଶନର ଆଲୋଚନା ଶୀର୍ଷକ 'ସାଂପ୍ରତିକ ଓଡିଆ କବିତାର ଭାବପକ୍ଷ'। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଓଡିଶା ଭାଷା ଓ ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବିମ୍ବାଧର ବେହେରା ଓ ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ ପରିସର କେନ୍ଦୁଝରର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଡକ୍ଟର ବଭ୍ରୁବାହାନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ ଦେଇ ପ୍ରାସଙ୍ଗିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନର ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ବେତନଟୀ କଲେଜ ମୟୂରଭଞ୍ଜ ଓ ମୁଖ୍ୟବକ୍ତା ଭାବେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ସହକାରୀ ପ୍ରାଧ୍ୟାପକ ସୁଧାକର ଦାସ ଯୋଗଦାନ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ନିଜର ମୂଲ୍ୟବାନ ମତାମତ ଉପସ୍ଥାପନା କରିଥିଲେ। ଓଡିଆ ବିଭାଗର ମୁଖ୍ୟ ଡକ୍ଟର ଧର୍ମବୀର ମୋହନ ସିଂ ମ□ ପରିଚାଳନା କରିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ଡକ୍ଟର ନିହାରିକା ପଣ୍ଡା ଓ ଛାତ୍ରୀ ଶର୍ମିଷ୍ଠା ମିଶ୍ର ବିଭାଗ ତରଫରୁ ଉଦ୍ଦିପ୍ରବନ୍ଧ ପାଠ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ଓ ଗବେଷକ/ଗବେଷିକା ଯୋଗଦାନ ଦେଇ ସ୍ୱରଚିତ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ପାଠଚକ୍ର ସଂପାଦିକା ଛାତ୍ରୀ ସୁନେଲୀ ତନ୍ତୀ ଓ ଅର୍ଚ୍ଚନା ଧାନୁଆ ସମସ୍ତ କାର୍ଯ୍ୟକୁ ପ୍ରସ୍ତୁତ କରିଥିବାବେଳେ ଅଧ୍ୟାପକ ରାଜକୁମାର ପାତ୍ର,ଅଧ୍ୟାପକ ପ୍ରଶାନ୍ତ କୁମାର ବାରିକ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟକ୍ଷଙ୍କ ଦ୍ୱାରା ପାଠଚକ୍ରରେ ଉପସ୍ଥିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡକ୍ଟର ସୂର୍ଯ୍ୟକାନ୍ତ ନାୟକ ସଭାବିଧି ପାଳନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରୀବୃନ୍ଦ ଯୋଗଦାନ କରି ପାଠଚକ୍ରକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ରୁ ବେଆଇନ ମୂଲ୍ୟବାନ ପଥର ନେବାକୁ ଗ୍ରାମବାସୀଙ୍କ ବିରୋଧ

ବଡ଼ଚଣା,(ପି.ଏନ): ଯାଜପୁର ଜିଲ୍ଲା ଚଣ୍ଡୀଖୋଲ ସିହା ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ର ଦ୍ୱିତୀୟ କ୍ୟାମ୍ପସ ରୁ ବେଆଇନ ଭାବେ କ୍ରେନ ଓ ଟ୍ରଲର ଯୋଗେ ମୂଲ୍ୟବାନ ପଥର ନେବା ଉଦ୍ୟମକୁ ଗ୍ରାମ ବାସୀଙ୍କ ବିରୋଧ । ଘଟଣା ରୁ ପ୍ରକାଶ ଯେ ପ୍ରମୋଦ ଜେନ ନାମକ ଠିକାଦାର ବେଆଇନ ଭାବେ ଗତ କାଲି ଏକ କ୍ରେନ ଯାହାର ନଂ ଓଡ଼ଜ ୦୪ଘ - ୩୭୩୭ ଓ ଟ୍ରଲର ନଂ ଓଡ଼ଜ ୦୪ଚ -୨୧୫୧ ଯୋଗେ କୌଣସି ପ୍ରମାଣ ପତ୍ର ନ ନେଇ କ୍ୟାମ୍ପସ ମଧ୍ୟରୁ ମୂଲ୍ୟବାନ ପଥରକୁ ଗାଡ଼ିରେ ଲଦି ନେବା ପାଇଁ ଉଦ୍ୟମ କରୁଥିଲେ । କିଛି ଗ୍ରାମବାସୀ ମାନେ ଏ ପଥର କୁଆଡେ ନେଉଛ ,ନେବା ପାଇଁ କିଏ କହିଲା ଓ ନେବାପାଇଁ କାଗଜପତ୍ର ଅଛି କି ଦିଅ ବୋଲି ପଚ଼ାରିବାରୁ ,ଡ୍ରାଇଭର କହିଲଲା ମୁଁ ଜାଣିନି ମୋତେ ପ୍ରମୋଦ ବାବୁ ପଠାଇଛନ୍ତି ନେବାକୁ, କୌଣସି କାଗଜପତ୍ର ନ ଥିବାରୁ କିଛି ଲୋକ ପୋଲିସ କୁ ଖବର ଦେଇଥିଲେ । ପୋଲିସ ଆସିବା ଖବର ଶୁଣି ଡ୍ରାଇଭର ଗାଡି ନେଇ ଚମ୍ପଟ ମାରିଥିଲେ । ଯାହାକି ପୋଲିସ ଯାଇ କାହକୁ ପାଇଲା ନାହିଁ ବୋଲି ପ୍ରକାଶ କରିଥିଲା ।ଠିକାଦାର ପ୍ରମୋଦ ଙ୍କୁ ଫୋନ ଯୋଗେ ଏ ବିଷୟରେ ଆମ ପ୍ରତିନିଧି ପଚ଼ାରିବାରୁ ସେ କହିଲେ ଯାଜପୁର ରେ ମା ବିରଜାଙ୍କ ମନ୍ଦିର ନିର୍ମାଣ ହେଉଛି । ଏହି ପଥର ସେଠାରେ ଲାଗିବ ,ଏପଥର କିଣିଲେ ବହୁମୂଲ୍ୟ ପଡିବ ଏବଂ ଏହା ମିଳୁନି , ମୁଁ ଯାଜପୁର ଜିଲ୍ଲାପାଳ ଙ୍କ ସହ କଥା ହୋଇଛି ।ସେ ମୋତେ ଅନୁମତି ଦେଇଛନ୍ତି ,କିନ୍ତୁ ଲିଖିତ ନୁହେଁ।ସ୍ଥାନୀୟ ପ୍ରଶାସନ ଙ୍କୁ ଜଣାଯାଇନି ବୋଲି ଠିକାଦାର କହିଥିଲେ । ଆହୁରି ମଧ କହିଥିଲେ ଯେ ସ୍ଥାନୀୟ ବାସିନ୍ଦା ନିରଞ୍ଜନ ସ୍ୱାଇଁ ନାମକ ବ୍ୟକ୍ତି ଙ୍କ ସହ ଯୋଗା ଯୋଗ କରିଥିଲି ସେ କହିଥିଲେ ।କିଛି ନାହିଁ ତୁମେ ପଥର ନେଇଯାଅ ।ବିନା କାଗଜପତ୍ର ରେ କାହାକୁ ନ ଜାଣାଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ମଧ୍ୟରୁ ମୂଲ୍ୟବାନ ପଥର ନିଆ ଯିବା ପାଇଁ ଉଦ୍ୟମ ହେଉଛି ,ଦାୟିତ୍ୱ ରେ ଥିବା ଅଧିକାରୀ,କିମ୍ବା ପ୍ରଶାସନ ଅଧିକାରୀ ମାନେ ଜାଣି ପାରୁନାହାଁନ୍ତି ,ତେଣୁ କିଭଳି ଏହାର ଦାୟତ୍ୱ ନିଆଯାଉଛି ତାହା ସାଧାରଣ ଅନୁମାନ କରିହେଉଛି ।ଏଠାରେ ପ୍ରଶ୍ନ ଉଠେ ଯଦି ମା ବିରଜାଙ୍କ ମନ୍ଦିର ନିର୍ମାଣ ପାଇଁ ପଥର ଦରକାର ତାହେଲେ ଠିକାଦାର ତାହା କିଣି ଆଣିବା ବଦଳ ରେ ବେଆଇନି ଭାବେ ପଥର କାହା ସାହସ ରେ ନେଉଥିଲା ।ପ୍ରକୃତ ରେ କଣ ଯାଜପୁର ଜିଲ୍ଲାପାଳ ଙ୍କ ଜଣାନ୍ତ ରେ ଏହି ବେଆଇନ ପଥର ନେବା ପାଇଁ ଠିକାଦାର ସାହସ କରିଥିଲା ନା ଆଉ କିଛି ଅଛି , ଓ କିଏ ସେ ନିରଞ୍ଜନ ସ୍ୱାଇଁ ଯାହା ? ଉଚ୍ଚ଼ କର୍ତ୍ତୃପକ୍ଷ ଓ ଖୋଦ ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କଲେ ସତ୍ୟା ସତ ଜଣା ପଡିବ ବୋଲି ସାଧାରଣରେ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଅଛି ।



## ବାଇକ୍‌ରୁ ଖସି ଛେଳି ବେପାରୀ ମୃତ

ଢେଙ୍କିକୋଟ,(ପି.ଏନ):ଘଟଗାଁ ଥାନା ଅନ୍ତର୍ଗତ ନୁସୁରିପଶି ଗ୍ରାମର କାର୍ତ୍ତିକ ଗିରି(୬୦)ଙ୍କ ବାଇକ୍‌ରୁ ଖସି ମୃତ୍ୟୁବରଣ କରିଥିବା ଜଣାପଡିଛି । ସୂଚନା ଅନୁସାରେ ସେ ଗତକାଲି ହରିଚନ୍ଦନପୁର ସାପ୍ତାହିକ ହାଟରୁ ଛେଳି ବେପାର କରି ତାଙ୍କ ବାଇକ୍ ଯୋଗେ ଘରକୁ ଫେରିବା ବାଟରେ ମୂଷଳ ନଦୀ ପୂର୍ବରୁ ଥିବା ସୁରକ୍ଷା ବାଡରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ହରିଚନ୍ଦନପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

## ଆନନ୍ଦପୁର ବନଖଣ୍ଡରେ ବାଘ ଗଣନା

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ବନଖଣ୍ଡ ଅଧିନରେ ଥିବା ୪ଟି ରେ଼ଞ୍ଜରେ ବାଘ ଗଣନା ଆରମ୍ଭ ହୋଇଛି । ୨୮ତାରିଖ ଠାରୁ ଆନନ୍ଦପୁର, ହଦଗଡ, ଦେଓଗାଁ ଓ ଦୈତାରୀ ରେ଼ଞ୍ଜରେ ମୋଟ୍ ୩୬ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ବାଘର ଗତିବିଧି ଓ ଜଳାଶୟ ନିକଟରେ ବିଭିନ୍ନ ଜୀବଜନ୍ତୁଙ୍କ ପାଦଚିହ୍ନ ସମ୍ପର୍କରେ ଅନୁଧ୍ୟାନ କରାଯାଉଥିବା ନେଇ ଡିଏଫ୍ଓ ଅଜିତ୍ କୁମାର ଶତପଥି ସୂଚନା ଦେଇଛନ୍ତି । ଆସନ୍ତା ୧ତାରିଖ ପର୍ଯ୍ୟନ୍ତ ଏହି ଗଣନା ଚାଲିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି । ପୂର୍ବବର୍ଷ ଗଣନାରେ ଆନନ୍ଦପୁର ବନଖଣ୍ଡରେ ବାଘ ନଥିବା ଜଣାପଡିଥିଲା । ୨୦୧୪ରେ ପିତାନାଉ ଜଙ୍ଗଲରେ ଏକ ମହାବଳ ବାଘକୁ ଲୋକେ ଦେଖିଲେ । ୨୦୧୫ରେ ଆନନ୍ଦପୁର ସୀମାନ୍ତ ସାତକୋଶିଆ ଜଙ୍ଗଲରେ ଏକ ମହାବଳ ବାଘ ଜଙ୍ଗଲ ମଧ୍ୟରେ ଗାଈଗୋରୁଙ୍କୁ ମଧ୍ୟ ଖାଇଥିବା ଅଭିଯୋଗ ହୋଇଥିଲା ।



## ସାମୁଦ୍ରିକ ଝଡ ଜୱାଦ'ର ମୁକାବିଲା ନିମନ୍ତେ ସଜାଗ ରହି ମୁକାବିଲା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦୁଝର:,(ପି.ଏନ):ସାମୁଦ୍ରିକ ଝଡ ଜୱାଦର ପ୍ରବାବକୁ ମୁକାବିଲା କରିବା ନିମନ୍ତେ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଆଶିଷ ଠାକରେ । ସଜାଗ ରହି ସାମୁଦ୍ରିକ ଝଡର ମୁକାବିଲା କରିବାକୁ ସଂପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ଡିସେମ୍ବର ୩ତାରିଖ ଶୁକ୍ରବାର ଦିନ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ପୂର୍ବରୁ କରାଯାଇଥିବା ପ୍ରସ୍ତୁତିର ବିଭାଗୱାରୀ ସମୀକ୍ଷା କରିଥିଲେ । ଗତ ତା- ୦୧.୧୨.୨୦୨୧ରିଖ ଦିନ ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ଅନୁପାଳନ, ପ୍ରସ୍ତୁତିର ପ୍ରଗତି ସମ୍ପର୍କରେ ବିଷଦ ଭାବେ ସମୀକ୍ଷା କରିଥିଲେ । ଦନୀବନ୍ଧର ସୁରକ୍ଷା, ନଦୀ ବନ୍ଧର ଦୁର୍ବଳ ସ୍ଥାନରେ ମରାମତି, ଦୁର୍ବଳ ପୋଲ ମରାମତି, ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରି ଆବଶ୍ୟକୀୟ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଭାବିତ ଆଶଙ୍କା ଥିବା ଅଂଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ,ଶୁଖିଲା ଖାଦ୍ୟ ମହଜୁତ ରଖିବା ନିମନ୍ତେ ବେସାମରିକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଳିଆ ଅଂଚଳ ଓ କଚ୍ଚାଘରରେ ରହୁଥିବା ଲୋକମାନଙ୍କର ସୁରକ୍ଷା ପାଇଁ ସେମାନଙ୍କୁ ସଚେତନ କରାଇବା ସହ ଆବଶ୍ୟକ ସ୍ଥଳେ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ବିଡିଓ ଏବଂ ପୌରପାଳିକ, ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଧାନ ଫସଲ ଅମଳକୁ ଦୃଷ୍ଟିରେ ରଖି ଫସଲର ଶୀଘ୍ର ଅମଳ ଏବଂ ଏହାର ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବାକୁ କୃଷି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ଧାନମଣ୍ଡି ଚାଲୁ ନକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅତ୍ୟାବଶ୍ୟକୀୟ ଔଷଧ ସହ ଚିକିତ୍ସକ ଦଳ ଓ ପାରାମେଡିକାଲ ଷ୍ଟାଫ୍ ପ୍ରସ୍ତୁତ ରଖିବା ସହ ବିଭିନ୍ନ ବିଭିନ୍ନ ଚିକିତ୍ସାଳୟରେ ଆମ୍ବୁଲାନ୍ସ ୧୦୮/ ୧୦୨କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏତଦ୍‌ବ୍ୟତୀତ ଆସନ୍ନ ପ୍ରସବା ମା'ମାନଙ୍କ ଉପରେ ଧ୍ୟାନ ଦେବା ଓ ସେମାନଙ୍କୁ ଚିକିତ୍ସାଳୟ କିମ୍ବା ମା'ଗୃହକୁ ସ୍ଥାନାନ୍ତର କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶକ ଦିଆଯାଇଛି । ଅଗ୍ନିଶମ ବିଭାଗ ବିଭିନ୍ନ ସ୍ଥାନରେ ଅଗ୍ନିଶମ ଦଳ କଟର ଓ ଆସ୍କାଲାଇଟ ଓ ଅନ୍ୟାନ୍ୟ ସରାମ ସହ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ସାମୁଦ୍ରିକ ଝଡ ପ୍ରଭାବରେ ବିଦ୍ୟୁତ୍ ସେବା ବ୍ୟାହତ ହେଲେ ତୁରନ୍ତ କାର୍ଯ୍ୟକ୍ଷମ କରିବା, ରାସ୍ତାଘାଟ ବିଚ୍ଛିନ୍ନ ହେଲେ ତୁରନ୍ତ ମରାମତି କରି ଗମନାଗମନ ଯୋଗ୍ୟ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସମ୍ବେଦନଶୀଳ ଅଂଚଳରେ ମାଇକ୍ ଯୋଗେ ସୂଚନା ପ୍ରଦାନ କାର୍ଯ୍ୟକ୍ରମ ହାତକୁ ନେବାପାଇଁ କୁହାଯାଇଛି । ଭୟଭୀତ ନହୋଇ ସାହାସର ସହିତ ଏବଂ ଯୋଜନାବଦ୍ଧ ଭାବେ ସାମୁଦ୍ରିକ ଝଡ 'ଜୱାଦ'ର ମୁକାବିଲା କରିବାକୁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ।

## ବେଆଇନ୍ ବାଲି ଚାଲାଣ, ୨ ଟ୍ରାକ୍ଟର ଜବତ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ତହସିଲ ଅନ୍ତର୍ଗତ ପଦ୍ମପୁର ଏବଂ ଫକୀରପୁର ବାଲିଘାଟରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରୁଥିବା ଅଭିଯୋଗରେ ୨ଟି ଟ୍ରାକ୍ଟରକୁ ଆନନ୍ଦପୁର ତହସିଲ ପକ୍ଷରୁ ଜବତ କରାଯାଇଛି । ଉଭୟ ଟ୍ରାକ୍ଟର ଉଭୟ ସ୍ଥାନରୁ ବାଲି ଉତ୍ତୋଳନ କରୁଥିବା ସୂଚନା ପାଇ ତହସିଲ ପକ୍ଷରୁ ଚଢାଉ କରାଯାଇଥିଲା । ଜବତ ପରେ ଉଭୟ ଟ୍ରାକ୍ଟର ମାଲିକଙ୍କ ଠାରୁ ୫୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ତହସିଲଦାର ତପନ କୁମାର ନାଏକ ସୂଚନା ଦେଇଛନ୍ତି । ଚଢାଉ ସମୟରେ କର୍ମଚାରୀ ଜଗନ୍ନାଥ ପଟ୍ଟନାୟକ, ଅରବିନ୍ଦ ସାହୁ,ସୟ ନାଏକ, ବିଶ୍ୱନାଥ ସାହୁ, ମନୋରନ ନାଏକ, ନିହାର ରନ ସେଠୀ, ନକୁଳ ସେଠୀ, କୃଷ୍ଣ ଚନ୍ଦ୍ର ସାହୁ, ପିତାମ୍ବର ପାତ୍ର, ବସନ୍ତ କୁମାର ସାହୁ, ଜିତେନ୍ଦ୍ର ଚକ୍ର,ଯୁଧିଷ୍ଠିର ହାଁସଦା, ମନୋଜ କୁମାର ଜେନା ଏବଂ ହରିହର ମୁଦୁଲି ପ୍ରମୁଖ ସାମିଲ ଥିଲେ । ସେହିପରି ସବୁବେଳେ ନିଜ ଜୀବନକୁ ବିପଦରେ ପକାଇ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କୁ ଧରି ଚଢାଉ କରିବା ବିପଜ୍ଜନକ କାର୍ଯ୍ୟ ହୋଇଥିବାରୁ ସ୍ଥାନୀୟ ପୋଲିସ୍ ମଧ୍ୟ ସକ୍ରୀୟ ଭୂମିକା ଗ୍ରହଣ କରି ସମସ୍ତେ ବିଭିନ୍ନ ବେଆଇନ୍ ବାଲିଘାଟ ଉପରେ ନଜର ରଖି ଚଢାଉ କରିବାକୁ ତହସିଲଦାର ଶ୍ରୀ ନାଏକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ଅର୍ଥାଭାବରୁ ଚିକିତ୍ସା ନପାଇ ନାବାଳକର ଅକାଳ ମୃତ୍ୟୁକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ଖଣ୍ଡପଡା,(ପି.ଏନ): ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ୪ଟି ଗରିବ ପରିବାରର ୪ଜଣ ସଦସ୍ୟ ଦୁରାରୋଗରେ ପୀଡିତ ହୋଇ ଘରେ ପଡି ରହିଛନ୍ତି । ଗତ ନଭେମ୍ବର ୨୯ ତାରିଖରେ ଏ ନେଇ'ସମାଜ'ରେ ଖବର ପ୍ରକାଶ ପାଇଥିଲା । ରୋଗାକ୍ରାନ୍ତଙ୍କ ମଧ୍ୟରୁ ଜଣେ ନାବାଳକର ଅକାଳ ମୃତ୍ୟୁ ହୋଇଥିବା ନେଇ ଜଣାପଡିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଉପଯୁକ୍ତ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଅର୍ଥ ବାଧକ ସାଜିଥିବା ନେଇ ନାବାଳକ କ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି । ନୟାଗଡ ଜିଲ୍ଲାର ଦଶପଲ୍ଲା ବ୍ଲକ ଅଧିନ ତେଣ୍ଡାବାଡି ଗ୍ରାମର ପ୍ରତାପ ପ୍ରଧାନଙ୍କ ୧୫ ବର୍ଷର ପୁଅ ଗୁଡୁଲୁ ଆଖି ରୋଗରେ ଆକ୍ରାନ୍ତ ହୋଇଥିଲା । ଅଭାବ, ଅନଟନ ଓ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ସେବା ପାଇନପାରି ଘରେ ପଡି ରହିଥିଲା । ପରିବାର ବର୍ଗ, ସ୍ଥାନୀୟ ବାସିନ୍ଦା ଏ ସଂପର୍କରେ ବାରମ୍ବାର ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା କି ସହଯୋଗ ମିଳିନଥିବା ନେଇ ପରିବାରବର୍ଗ ଅଭିଯୋଗ କରିଛନ୍ତି । ଭାରତୀୟ ବିକାଶ ପରିଷଦର ନୟାଗଡ ଜିଲ୍ଲା ସଂପାଦକ ନିରଂଜନ ଦାସ ଏ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ, ସଚିବ, ମୁଖ୍ୟ ଶାସନ ସଚିବ, ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିଲା । ନାବାଳକର ଅକାଳ ମୃତ୍ୟୁ ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଭାରତୀୟ ବିକାଶ ପରିଷଦର ଜଗତସିଂହପୁର ଜିଲ୍ଲା ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ସହ ମୃତ ନାବାଳକର ପରିବାରବର୍ଗଙ୍କୁ ତୁରନ୍ତ କ୍ଷତି ପୂରଣ ବାବଦରେ ୨୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଛନ୍ତି । ଅପରପକ୍ଷେ ନାବାଳକ ଗୁଡୁଲୁ କ୍ଷେତ୍ରରେ ଯାହା ଘଟିଲା ଏହି ଘଟଣାର ପୁନରାବୃତ୍ତି ଯେପରି ରୋଗାକ୍ରାନ୍ତ ଅନ୍ୟ ୩ଜଣଙ୍କ କ୍ଷେତ୍ରରେ ନଘଟେ ସେଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ଦାବି କରିଛନ୍ତି । ପ୍ରକାଶଥାଉକି ଖଣ୍ଡପଡା ବ୍ଲକ ଅଧିନ କିଆଝର ପଂଚାୟତ ସାନଖଜୁରିଆ ଗ୍ରାମର ଅନ୍ତର୍ଯ୍ୟାମୀ କର(୪୫), ଖଣ୍ଡପଡା ସହର ୧୧ନଂ ୱାର୍ଡ ବାସିନ୍ଦା ନିରଂଜନ ଜେନା(୪୬) ଓ ଖଣ୍ଡପଡା ବ୍ଲକ ଅଧିନ ଗୁଣ୍ଢୁଣି ଗ୍ରାମର ସନ୍ତୋଷ ବିଶ୍ୱାଳ( ୨୧) ପ୍ରମୁଖ ୩ଜଣ ରୋଗାକ୍ରାନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଅର୍ଥାଭାବରୁ ଏବେ ଉପଯୁକ୍ତ ଚିକିତ୍ସା ସେବା ପାଇ ନପାରି ଘରେ ପଡି ରହି ମୃତ୍ୟୁ ସହ ସଂଗ୍ରାମ କରୁଥିବା ନେଇ ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି ।

## ହଦଗଡ ବନା□ଳରେ ପାଣି ପାଇପ୍ ବିଛା ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନେଇ ପ୍ରଶାସନ ପକ୍ଷରୁ ବୈଠକ

ଆନନ୍ଦପୁର,(ପି.ଏନ):ଚଳିତ ମାସ ୩ତାରିଖ ଶୁକ୍ରବାର ଦିନ ହଦଗଡ ବନା□ଳରେ ପାଣି ପାଇପ୍ ବିଛା ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନେଇ ଉପ-ଜିଲ୍ଲାପାଳଙ୍କ ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ଉପ-ଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ, ଘଷିପୁରା ତହସିଲଦାର ବାବୁଲୁ ପେରେଇ, ଆନନ୍ଦପୁର ରେଞ୍ଜର ସୁମନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଅନୁଯାୟୀ ଆର.ଡବ୍ଲୁ.ଏସ୍.ଏସ୍. ସଂସ୍ଥା ତରଫରୁ ହଦଗଡରେ ପାଣି ପାଇପ୍ ବିଛା କାର୍ଯ୍ୟ ୭୦ ପ୍ରତିଶତ ହୋଇଥିବା ବେଳେ ୩୦ପ୍ରତିଶତ ହଦଗଡ ବନା□ଳ ଅଧିନରେ ଥିବାରୁ ଏହାକୁ ନେଇ ପ୍ରଶାସନିକ ଅଧିକାରୀ, ବନବିଭାଗର ଅଧିକାରୀ, ଅମିନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

● Surveillance through CCTV Camera ● Small Classes ● Congenial Environment ● Intimate, Safe & Secured Place ● Experienced & loving teachers ● Individual attention to each child ● Spacious Playground ● AC Activity Room ● Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray